RNI No.ODIODI/2010/33031
୧୭ ବର୍ଷ Volume-17
ISSUE -219 ସଂଖ୍ୟା-୨୧୯
ଭୁବନେଶ୍ୱର, ମଙ୍ଗଳବାର ୧୭ ନଭେମ୍ବର ୨୦୨୬
Bhubaneswar, Tuesday 17 November, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



ଆଇକନିକ୍ ଟାୱାରର ଲୋକାର୍ପଣ କଲେ ଉପରାଷ୍ଟ୍ରପତି

କଟକ,୧୬।୧୧(ନି.ପ୍ର): କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଉପରାଷ୍ଟ୍ରପତି ଶ୍ରୀ ସି.ପି. ରାଧାକୃଷ୍ଣନ ଜୀଙ୍କ କରକମଳରେ ନବ ନିର୍ମିତ 'ଆଇକନିକ୍ ଟାୱାର'ର ଲୋକାର୍ପିତ ହୋଇଛି। ସମାବେଶରେ ଉଦବୋଧନ ଦେଇ ଉପ-ରାଷ୍ଟ୍ରପତି କହିଥିଲେ, ଏହି ସମାରୋହ ଗୋଟିଏ ଅଟ୍ଟାଳିକାର ଉଦଘାଟନ ଠାରୁ ଉର୍ଦ୍ଧ୍ୱରେ, କାରଣ ଏହା ଏକ ଦୃଷ୍ଟିକୋଣ, ଶିକ୍ଷାର ଏକ ପ୍ରେରଣାଦାୟକ ଦର୍ଶନ, ଭାରତର ଗୌରବମୟ ସାଂସ୍କୃତିକ ଐତିହ୍ୟ ଏବଂ ଭାରତର ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି ।ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଏକ ଅସାଧାରଣ ଦୂରଦୃଷ୍ଟିର ପ୍ରତିଫଳନ ବୋଲି ଉପ-ରାଷ୍ଟ୍ରପତି ବର୍ଣ୍ଣନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆଜି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ; କାରଣ ବିଶ୍ୱବିଦ୍ୟାଳୟର 'ଆଇକନିକ୍ ଟାୱାର'ର ଲୋକାର୍ପଣ ଉପ-ରାଷ୍ଟ୍ରପତିଜୀଙ୍କ କରକମଳରେ ହେଉଛି ଏବଂ ମତେ ଏହି ଅବସରର ସାକ୍ଷୀ ହେବାର ସୁଯୋଗ ମିଳିଛି । ଏହି ଐତିହାସିକ କ୍ଷଣ ପାଇଁ ମୁଁ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଜୀଙ୍କୁ ଅଭିନନ୍ଦନ ଜଣାଉଛି ।

କଳିଙ୍ଗ ସ୍ଥାପତ୍ୟ ଅନୁସାରେ ଲିଙ୍ଗରାଜ ମନ୍ଦିରଠାରୁ ପ୍ରେରିତ ଏହି ଟାୱାର କେବଳ ଏକ ଇମାରତ ନୁହେଁ, ଏହା ରାଜ୍ୟର ଶିକ୍ଷା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଲିପିବଦ୍ଧ କରିବ ।

ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିଠାରୁ ପ୍ରାୟ ଚାଳିଶ ବର୍ଷ ପୂର୍ବେ ଜଣେ ମହାନ ଦାର୍ଶନିକ କହିଥିଲେ, 'ନଲେଜ ଇଜ୍ ପାୱାର'; ଅର୍ଥାତ୍ 'ଜ୍ଞାନ ହିଁ ଶକ୍ତି'। ଆମକୁ ଏହି ଜ୍ଞାନ 'ଶିକ୍ଷା'ରୁ ମିଳିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ଶିକ୍ଷା କ୍ଷେତ୍ରରେ ନୂତନ ଶିଖର ଛୁଉଁଛି । ଦେଶରେ ବର୍ତମାନ ନୂତନ ଶିକ୍ଷାନୀତି ଲାଗୁ ହୋଇଛି, ଯାହା ଶିକ୍ଷାର ପରିଭାଷା ବଦଳାଉଛି ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ସୁନିଶ୍ଚିତ



କରୁଛି । ଦେଶରେ ବିଶ୍ୱସ୍ତରୀୟ ଶୈକ୍ଷଣିକ ସଂସ୍ଥାନ ଯେପରିକି ଆଇଆଇଟି,ଆଇଆଇଏମ୍ , ଗବେଷଣା କେନ୍ଦ୍ର ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଦ୍ରୁତ ଗତିରେ ନିର୍ମାଣ ହେଉଛି । କେବଳ ସରକାରୀ କ୍ଷେତ୍ରରେ ନୁହେଁ, ବେସରକାରୀ କ୍ଷେତ୍ରରେ ମଧ୍ୟ ଏହି ଭିତିଭୂମି ଗଢ଼ିଉଠୁଛି । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର ଏହି ଚିନ୍ତାଧାରାର ଏକ ପ୍ରତୀକ ଅଟେ ।

ମୋଦିଜୀଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ଆମ ରାଜ୍ୟ ମଧ୍ୟ ଶିକ୍ଷା କ୍ଷେତ୍ରରେ ସମର୍ପିତ ଭାବେ କାର୍ଯ୍ୟ କରୁଛି । ଆମେ ଜାଣୁ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ କରିବାକୁ ହେଲେ ଶିକ୍ଷାକୁ ପ୍ରାଥମିକତା ଦେବାକୁ ପଡ଼ିବ । ଏହି ଚିନ୍ତାଧାରାକୁ ଆଖିରେ ରଖି ଆମ ସରକାର ଶିକ୍ଷା କ୍ଷେତ୍ରରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଓଡ଼ିଶା ସମ୍ଭବତଃ ଦେଶର ପ୍ରଥମ ରାଜ୍ୟ, ଯେଉଁଠାରେ 'ସାର୍ବଜନୀନ ମାଗଣା ଶିକ୍ଷା' ଯୋଜନା ଲାଗୁ କରାଯାଇଛି । ଆମ ସରକାର 'କେଜି ଟୁ ପିଜି ମାଗଣା ଶିକ୍ଷା' ଯୋଜନା ଲାଗୁ କରିଛନ୍ତି, ଯାହା ଅଧୀନରେ ସ୍ନାତକୋତର ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ନିଃଶୁଳ୍କ ଅଟେ ।ରାଜ୍ୟରେ ମହିଳା ଶିକ୍ଷା ପାଇଁ, ବିଶେଷକରି ଗରିବ ବର୍ଗଙ୍କ ପାଇଁ ଏକ ଐତିହାସିକ ଯୋଜନା ଲାଗୁ କରାଯାଇଛି । ଏହି ଯୋଜନା ଅନୁଯାୟୀ ୨୦୨୬ ଏପ୍ରିଲ ପରେ ଗରିବ ପରିବାରରେ ଜନ୍ମ ନେଇଥିବା ନବଜାତ କନ୍ୟା ସନ୍ତାନଙ୍କ ନାମରେ ୨୦ ହଜାର ଟଙ୍କା ଜମା କରାଯିବ । ସ୍ନାତକ ପାସ୍ କରିବା ପରେ ସେମାନଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଏହି ଯୋଜନା ନିଶ୍ଚିତ ରୂପେ ମହିଳା ଶିକ୍ଷାକୁ ପ୍ରୋତ୍ସାହିତ କରିବ ।ଯଦି ମୁଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଯୋଜନା ବିଷୟରେ ଉଲ୍ଲେଖ ନ କରେ, ତେବେ ଏହି ଆଲୋଚନା ଅଧୁରା ରହିଯିବ । ଆମେ ପ୍ରତ୍ୟେକ ପଂଚାୟତରେ ଏକ ବିଶ୍ୱସ୍ତରୀୟ ପ୍ରାଥମିକ ସ୍କୁଲ ନିର୍ମାଣ କରୁଛୁ; କାରଣ ପ୍ରାଥମିକ ଶିକ୍ଷା ହିଁ ଜଣେ ଛାତ୍ରଛାତ୍ରୀଙ୍କର ମୂଳଦୁଆ ହୋଇଥାଏ ।ଏହିଗତ ଶିକ୍ଷା ଉପରେ ଗୁରୁତ୍ୱ ଦେବା ବାସ୍ତବରେ ପ୍ରଶଂସନୀୟ । ଏହାଦ୍ୱାରା ଦକ୍ଷ ବୃତିଗତଙ୍କ ସହିତ ଦାୟିତ୍ୱବାନ ନାଗରିକ ମଧ୍ୟ ସୃଷ୍ଟି ହେବେ ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କେବଳ ଶିକ୍ଷାଦାନ କରୁନାହିଁ, ଏହା ଦାୟିତ୍ୱସମ୍ପନ୍ନ ମାନବ ଗଠନର ଏକ ଅନୁଷ୍ଠାନ ଅଟେ । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମ ଏବଂ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବି ଶଙ୍କର ଉପସ୍ଥିତ ଥିଲେ ।

ଫିଲିପାଇନ୍ସରେ ପ୍ରଧାନମନ୍ତ୍ରୀ ମୋଦୀ

ମନିଲା, ୧୬।୧୧(ନି.ପ୍ର):: ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ଏବଂ ୨୧ତମ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ତିନିଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଫିଲିପାଇନ୍ସର ରାଜଧାନୀ ମନିଲାରେ ପହଂଚିଛନ୍ତି । ମନିଲା ଅନ୍ତର୍ଜାତୀୟ ବିମାନବନ୍ଦରରେ ଫିଲିପାଇନ୍ସର ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିଭାଗର ସଚିବ ରବର୍ଟ ଜୋସେଫ୍ 'ଜୟ' ମୋଂଟେସ୍ ଡି କ୍ରୁରୋ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଭାରତୀୟ ସମୁଦାୟର ଲୋକମାନେ 'ବନ୍ଦେ ମାତରମ୍' ସ୍ଲୋଗାନ ଦେଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ପିଲାମାନେ ସଂସ୍କୃତ ମନ୍ତ୍ର ଉଚ୍ଚାରଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରିଥିଲେ ।ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା । ସେ ସେଠାରେ ଉପସ୍ଥିତ ଭାରତୀୟ ସମୁଦାୟର ଲୋକମାନଙ୍କୁ ଭେଟିବା ସହ ସେମାନଙ୍କ ଅଭିବାଦନ ଗ୍ରହଣ କରିଥିଲେ । ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀଙ୍କ ମନିଲା ପହଂଚିବା ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଏହି ଗସ୍ତ ଭାରତର ଆକ୍ଟ ଇଷ୍ଟ ନୀତି ଏବଂ ହିନ୍ଦ-ପ୍ରଶାନ୍ତ ମହାସାଗରୀୟ ଦୃଷ୍ଟିକୋଣର ଏକ ପ୍ରମୁଖ ଆଧାର ଭାବେ ଆସିଆନ୍ ସହ ଭାରତର ସହଭାଗିତାକୁ ପୁନଃପୁଷ୍ଟି କରୁଛି ।ଫିଲିପାଇନ୍ସର ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର.ମାର୍କୋସ୍ ଜୁନିୟରଙ୍କ ନିମନ୍ତ୍ରଣରେ ଏଠାରେ ପହଂଚିଥିବା ପ୍ରଧାନମନ୍ତ୍ରୀ ମୋଦୀ ୧୬ରୁ ୧୮ ନଭେମ୍ବର ପର୍ଯ୍ୟନ୍ତ ଫିଲିପାଇନ୍ସରେ ରହିବେ । ୧୭ ନଭେମ୍ବରରେ ହେବାକୁ ଥିବା ଉଭୟ ଶିଖର ସମ୍ମିଳନୀରେ ଭାରତ ଓ ଆସିଆନ୍ ଦେଶଗୁଡ଼ିକ ମଧ୍ୟରେ ବ୍ୟାପକ ରଣନୈତିକ ସହଭାଗିତାର ଅଗ୍ରଗତି ସମୀକ୍ଷା କରାଯିବ । ଏହା ସହିତ ଆଂଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହେବ ।

ବିଧାନସଭା ପ୍ରସ୍ତୁତି ନେଇ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୬।୧୧(ନି.ପ୍ର): ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଆସନ୍ତା ଓଡ଼ିଶା ବିଧାନସଭା ଅଧିବେଶନର ପ୍ରସ୍ତୁତି, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଛି ।

ବୈଠକରେ ଆଗାମୀ ବିଧାନସଭା ଅଧିବେଶନକୁ ଶାନ୍ତିପୂର୍ଣ୍ଣ



ଭାବରେ ସମ୍ପନ୍ନ କରିବା ନିମନ୍ତେ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହିତ ଆଗାମୀ ଦିନରେ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି ।

ଏଥିସହିତ ଆଗକୁ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣୀ ଯଥା କାର୍ତିକ ପୂର୍ଣ୍ଣିମା, ବଡ଼ଓଷା, ବାଲିଯାତ୍ରା ଓ ବେଳାଭୂମି ମହୋତ୍ସବ ଭଳି ପ୍ରମୁଖ ପର୍ବପର୍ବାଣୀ ସମୟରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ ।

ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରି ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ତଥା ଜଘନ୍ୟ ଅପରାଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ବ୍ୟାପକ କରିବା ସହ ନିଶା କାରବାର ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍, ସାଇବର ଅପରାଧ ଓ 'ଡିଜିଟାଲ୍ ଆରେଷ୍ଟ' ଭଳି ଠକେଇ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ ।

ଉକ୍ତ ବୈଠକରେ ପୋଲିସ କମିସନର (ଭୁବନେଶ୍ୱର-କଟକ) ଡଃ ଏସ ଦେବଦତ ସିଂ, ଆଇଜିପି (କାର୍ମିକ) ଏସ. ପ୍ରବୀଣ କୁମାର, ଆଇଜିପି (କ୍ରାଇମବ୍ରାଂଚ) ଡଃ ସାର୍ଥକ ଷଡଙ୍ଗୀ, ଅତିରିକ୍ତ ପୋଲିସ କମିସନର ଡଃ କନୱର ବିଶାଲ ସିଂ, ଏଆଇଜିପି (ମୁଖ୍ୟାଳୟ) ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏଆଇଜିପି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକଙ୍କ ସମେତ ରାଜ୍ୟର ସମସ୍ତ ରେଞ୍ଜ ଆଇଜି/ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ ।

ଜନବିଶ୍ୱାସକୁ ମଜବୁତ କରିବା ଲାଗି ବିଧାୟକମାନଙ୍କୁ ଉପରାଷ୍ଟ୍ରପତିଙ୍କ ପରାମର୍ଶ

ଭୁବନେଶ୍ୱର,୧୬।୧୧(ନି.ପ୍ର): ଉପ ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସୋମବାର ଭୁବନେଶ୍ୱରରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଛନ୍ତି । ସେ ବିଧାୟକମାନଙ୍କୁ ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବା ଲାଗି ଗଠନମୂଳକ ବିତର୍କ, ସଚେତନ ଆଲୋଚନା, ବିଧାନପାଳିକାର ଦକ୍ଷତା ଏବଂ ଲୋକ-କୈନ୍ଦ୍ରିକ ପ୍ରଶାସନ ଉପରେ ଉପ ରାଷ୍ଟ୍ରପତି ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ ।

ଏଭଳି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ ଲାଗି ବାଚସ୍ପତି ସୁରମା ପାଢ଼ାଙ୍କୁ ପ୍ରଶଂସା କରିଥିଲେ ଉପ ରାଷ୍ଟ୍ରପତି । ଏଭଳି କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜବୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ଏବଂ ବିଧାୟକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଉତରଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିବାକୁ ସକ୍ଷମ କରିଥାଏ ବୋଲି ଉପ ରାଷ୍ଟ୍ରପତି କହିଥିଲେ ।

ଭାରତର ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ଉପ ରାଷ୍ଟ୍ରପତି ବୈଶାଳୀର ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଚୋଳ ଯୁଗର କୁଡ଼ାଭୋଲଇ ବ୍ୟବସ୍ଥାର ଉଦାହରଣ ଦେଇଥିଲେ । ଭାରତର ସଭ୍ୟତାଗତ ଇତିହାସରେ ଗଣତନ୍ତ୍ରର ମୂଳଦୁଆ ଅତି ଗଭୀର ଭାବେ ବ୍ୟାପି ରହିଛି ବୋଲି ସେ କହିଥିଲେ । ଉପ ରାଷ୍ଟ୍ରପତି ଆହୁରି କହିଥିଲେ, ଭାରତ ଯଥାର୍ଥରେ 'ଗଣତନ୍ତ୍ରର ଜନନୀ' ହେବାର ଗୌରବ ହାସଲ କରିଛି । ଓଡ଼ିଶାର ବିଧାୟକମାନେ ଏହି ସମ୍ମାନଜନକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ସେ



ଆହ୍ୱାନ କରିଥିଲେ ।

ନିର୍ବାଚନୀ ବିଜୟକୁ ଅର୍ଥପୂର୍ଣ୍ଣ ଜନସେବାରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରି ଉପ-ରାଷ୍ଟ୍ରପତି କହିଥିଲେ, ''ଭୋଟ୍ ମାଧ୍ୟମରେ ଆମେ ନିର୍ବାଚନରେ ଜିତିଥାଉ, କିନ୍ତୁ କେବଳ ନିଜର ସେବା ମାଧ୍ୟମରେ ହିଁ ଆମେ ଲୋକଙ୍କ ସମ୍ମାନ ଅର୍ଜନ କରିପାରିବା ।'' ବିଧାନସଭା କେବଳ ତର୍କ-ବିତର୍କର ଏକ ମଞ୍ଚ ନୁହେଁ; ଏଠାରେ ପ୍ରସ୍ତୁତ ପ୍ରତ୍ୟେକ ନୀତି, ଉପସ୍ଥାପିତ ପ୍ରଶ୍ନ ଏବଂ ପ୍ରଣୀତ ଆଇନରେ ଅଗଣିତ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବାର କ୍ଷମତା ରହିଛି ବୋଲି ସେ କହିଥିଲେ ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ, ଭାରତର ପ୍ରଗତିରେ ଓଡ଼ିଶାର ଉନ୍ନତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବେଳେ ରାଜ୍ୟକୁ ଏକ ବିକଶିତ, ସମୃଦ୍ଧ ଏବଂ ସମାବେଶୀ ରାଜ୍ୟରେ ପରିଣତ କରିବା ଦିଗରେ 'ଭିଜନ୍ ଓଡ଼ିଶା ୨୦୩୬' ସଂକଳ୍ପକୁ ସାକାର କରିବାର ଆବଶ୍ୟକତା ରହିଛି । ଯୁବବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଗାଁ ଓ ପରିବାର ନିକଟରେ ବିକାଶ ପହଂଚାଇବାରେ ଜନପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଉପ ରାଷ୍ଟ୍ରପତି ଦୃଢ଼ ଭାବେ ଆଶା ପ୍ରକଟ କରିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଓଡ଼ିଶା ବିଧାନସଭା କେବଳ ଆଇନ ପ୍ରଣୟନର ଏକ ଅନୁଷ୍ଠାନ ନୁହେଁ, ଏହା ହେଉଛି ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ଓ ବିଶ୍ୱାସର ପ୍ରତୀକ । ତେଣୁ ଗୃହର ମର୍ଯ୍ୟାଦାକୁ ରକ୍ଷାକରି ଓଡ଼ିଶାର ବୃହତର ସ୍ୱାର୍ଥ ପାଇଁ ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ହେବ ବୋଲି ଶ୍ରୀ ମାଝୀ ସମସ୍ତ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ ।

ରାଜ୍ୟ ସରକାର ତଥା ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ତରଫରୁ ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକ୍ରିଷ୍ଣନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉପରାଷ୍ଟ୍ରପତିଙ୍କ ଉପସ୍ଥିତି ସମସ୍ତଙ୍କ ପାଇଁ ଗୌରବର ବିଷୟ । ଓଡ଼ିଶା ବିଧାନସଭା ଇତିହାସରେ ପ୍ରଥମ ଥର ପାଇଁ ୨୦୨୫ ନଭେମ୍ବର ୨୭ ତାରିଖରେ ରାଷ୍ଟ୍ରପତି ସମସ୍ତ ବିଧାୟକଙ୍କୁ ମାର୍ଗଦର୍ଶନ କରିଥିଲେ ଏବଂ ଆଜି ଉପରାଷ୍ଟ୍ରପତିଙ୍କ ଜନସେବାର ଲମ୍ବା ଅଭିଜ୍ଞତା, ସଂସଦୀୟ ଲୋକତନ୍ତ୍ର ପ୍ରତି ନିଷ୍ଠା ଓ ସାମ୍ବିଧାନିକ ପ୍ରକ୍ରିୟାର ଅନୁଭୂତି ସମସ୍ତଙ୍କୁ ମାର୍ଗଦର୍ଶନ ଦେବା ସହ ପ୍ରେରଣା ଯୋଗାଇବ । ଏଥିସହ ବିଧାୟକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ୨୦୨୪ ଅଗଷ୍ଟ ମାସରେ 'ଜ୍ଞାନ ସଂସ୍କାର କାର୍ଯ୍ୟକ୍ରମ' ଏବଂ ଆଜିର ଏହି ଦ୍ୱିତୀୟ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ବ୍ରଜ ମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ବିଧାୟକମାନଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

ଏସ୍‌ଆଇଆରକୁ ନେଇ ସୁପ୍ରିମକୋର୍ଟରେ ବିରୋଧୀ

ନୂଆଦିଲ୍ଲୀ୧୬।୧୧(ନି.ପ୍ର):: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)କୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଇଣ୍ଡିମେଣ୍ଟର ଅନ୍ୟ ନେତାମାନେ ସୁପ୍ରିମ୍‌କୋର୍ଟରେ ନୂଆ ଆବେଦ

ଆଞ୍ଚଳିକ ମନୁନ

ପୃଷ୍ଠା ୨

ମଙ୍ଗଳବାର, ୧୭ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,17 November 2026, Bhubaneswar



ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ରେ ସମ୍ମାନିତ ହେଲେ ବଲାଙ୍ଗୀରର ଏଡିଇଓ ସେବାଶ୍ରୀ ଭୋଇ

ବଲାଙ୍ଗୀର,୧୬।୧୧ :(ମନୁନ)ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ନିଷ୍ଠାପର କାର୍ଯ୍ୟ ପାଇଁ ବଲାଙ୍ଗୀର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଏଡିଇଓ) ସେବାଶ୍ରୀ ଭୋଇ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୫ରେ ସମ୍ମାନିତ ହୋଇଛନ୍ତି ।ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗରିମାମୟ ଉପସ୍ଥିତିରେ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା ।ପୂର୍ବରୁ ମଧ୍ୟ ଶ୍ରେଷ୍ଠ



ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଜାତୀୟ ଓ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତିଶ୍ରୀମତୀ ଭୋଇଙ୍କ ଏହି ସଫଳତା ବଲାଙ୍ଗୀର ଜିଲ୍ଲାର ଶିକ୍ଷା ଜଗତ ପାଇଁ ଏକ ଗୌରବର ବିଷୟ ।ତାଙ୍କର ଏହି ସମ୍ମାନ ଜିଲ୍ଲାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଛି ।ତାଙ୍କର ଏହି ଉପଲବ୍ଧି ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି ।ଏହି ସଫଳତା ଆଗାମୀ ଦିନରେ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଓ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଅନ୍ୟମାନଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ।

କୁଚିଣ୍ଡା ସାମ୍ବାଦିକ ଭବନରେ ପାଳିତ ହେଲା ଜାତୀୟ ପ୍ରେସ୍ ଦିବସ

କୁଚିଣ୍ଡା,୧୬।୧୧ :(ମନୁନ) ସମ୍ବଲପୁର ଜିଲ୍ଲା କୁଚିଣ୍ଡା ରେ ସାମ୍ବାଦିକ ସଂଘ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ଦିନେଶ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ 'ସାମ୍ବାଦିକତା: ଜନାଦୃତି ନା ଉତ୍ତରଦାୟିତ୍ୱ' ବିଷୟବସ୍ତୁକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ



ସଂଘର ସାଧାରଣ ସମ୍ପାଦକ ରିଙ୍କୁ କୁସୁମ, କୋଷାଧ୍ୟକ୍ଷ ସୁଧୀର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମିଶ୍ର, ବରିଷ୍ଠ ସାମ୍ବାଦିକ ସୁଶୀଲ କୁମାର କର, ଅମୂଲ୍ୟ ମିଶ୍ର ଏବଂ ଉପସଭାପତି ହୃଦୟ ଚନ୍ଦ୍ର ପଟେଲ,ମନିସ ତିୱାରୀ, ଜୟ କିଶୋର ମହାପାତ୍ର ପ୍ରମୁଖ ଯୋଗଦେଇ ସାମ୍ବାଦିକତାର ନୈତିକତା, ନିରପେକ୍ଷତା ଓ ସମାଜ ପ୍ରତି ଗଣମାଧ୍ୟମର ଉତ୍ତରଦାୟିତ୍ୱ ସମ୍ପର୍କରେ ନିଜସ୍ୱ ମତାମତ ରଖିଥିଲେ ।ଏହାସହ ସାମ୍ବାଦିକମାନଙ୍କ ପାଇଁ ପେନ୍‌ସନ୍, ସୁରକ୍ଷା ଓ ସରକାରୀ ସ୍ୱୀକୃତି (ଆକ୍ରିଡିଟେସନ୍) ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା । ସାମ୍ବାଦିକମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ସରକାର ଅଧିକ ଯତ୍ନବାନ ହେବା ସହ ଏହି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା ।ଏହି ଅବସରରେ ସଂଘର ଅନ୍ୟାନ୍ୟ ସାମ୍ବାଦିକ ସଦସ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସୌମ୍ୟ ରଞ୍ଜନ ଧଳ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ମରଣିକା "ସ୍ମୃତିଫର୍ଦ୍ଦ" ଉନ୍ମୋଚନ

ବଲାଙ୍ଗିର,୧୬।୧୧ :(ମନୁନ) ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ, ବଲାଙ୍ଗିର ର ୧୯୭୬ ମେଟ୍ରିକୁଲେସନ ବେଚର ସୁବର୍ଣ୍ଣ ଜୟନ୍ତୀ ସମାରୋହ -୨୦୨୬ ଉପଲକ୍ଷେ ସ୍ମରଣିକା "ସ୍ମୃତିଫର୍ଦ୍ଦ" ର ଉନ୍ମୋଚନ ହୋଇଛି । ଉକ୍ତ ବେଚର ସମାରୋହ ପାଳନ ବିଗତ ୮ ମାର୍ଚ୍ଚ ରେ ହୋଇଥିଲା । ସେତେବେଳେ 'ସ୍ମୃତିଫର୍ଦ୍ଦ' ର ମୁଖପୃଷ୍ଠା ଉନ୍ମୋଚିତ ହୋଇଥିଲା । ସ୍କୁଲର ପୁରାତନ ଶିକ୍ଷକ ପୂଜ୍ୟ ଗୁରୁଜୀ ଆଦିକନ୍ଦ ଷଡଙ୍ଗି ଙ୍କ ହାତରେ ସ୍କୁଲର ସେଣ୍ଟିଟାରି ହଲରେ



ବେଚରର ସଭାପତି ଓମ୍ ପ୍ରକାଶ ଚନ୍ଦ୍ର, ସମ୍ପାଦକ କମଳ ଚକ୍ରବର୍ତ୍ତୀ, ସଭ୍ୟ ହରେକୃଷ୍ଣ ତ୍ରିପାଠି, ରମେଶ ଚନ୍ଦ୍ର ସିଂହଦେଓ, ଆଲୋକ ହୋତା, ପତ୍ରିକାର ସମ୍ପାଦକ ରୁଦ୍ରଦେବ ପଧାନଙ୍କ ହାତରେ ଲୋକାର୍ପଣ ହୋଇଛି । ଉକ୍ତ ସଭାରେ ଅନନ୍ୟ ବିରେନ୍ଦ୍ର କୁମାର ମିଶ୍ର, ନାରାୟଣ ପାତ୍ର, କେ ରାମକୃଷ୍ଣ ନାୟାର, ଅଶ୍ୱିନୀ ଦାଶ, ବାଳକୃଷ୍ଣ ମିଶ୍ର, ଅମିତ ତ୍ରିପାଠୀ ଓ ଅନେକ ସହଯୋଗୀ ଉପସ୍ଥିତ ଥିଲେ ।

ରୟାଲ ଏକାଡେମୀର ବାର୍ଷିକ କ୍ରୀଡା

ବଲାଙ୍ଗିର,୧୬।୧୧ :(ମନୁନ)ବଲାଙ୍ଗିର କଲେଜ ଛକ ସ୍ଥିତ ରୟାଲ ଏକାଡେମୀ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍ଥାନୀୟ ଟାଉନ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ରୟାଲ ଏକାଡେମୀର ପ୍ରତିଷ୍ଠାତା ନିରୁପମା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ସମସ୍ତ ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ । ଉକ୍ତ କ୍ରୀଡା ରେ ସିନିୟର ଚମ୍ପିୟାନ ଋତୁରାଜ ପଶାୟତ, ଜୁନିୟର ଚମ୍ପିୟାନ ଭୈରବ ମହାନନ୍ଦ ଏବଂ ସବ୍ ଜୁନିୟର ଚମ୍ପିୟାନ ଏମ୍‌ଡି ଇବ୍ରାହିମ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଦୌଡ ପ୍ରତିଯୋଗିତାରେ ଗୋବିନ୍ଦ ମହାନ୍ତି, ନିରଖୋ ରଣା, ପୂର୍ଣ୍ଣଚନ୍ଦ୍ର ସୁନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇଁ ପୁରସ୍କୃତ ହୋଇଥିଲେ । ଅଭିଭାବକମାନଙ୍କ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ନମିତା ପୁଟେଲ, ଉର୍ମି ସୁନା, ରୁକସାର ବରବିନ ଯଥାକ୍ରମେ ପ୍ରଥ. ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ବିଜେତା ହୋଇଥିଲେ । ଉକ୍ତ କ୍ରୀଡା ଉତ୍ସବରେ ରୟାଲ ଏକାଡେମୀର ଟ୍ରଷ୍ଟ ସଭ୍ୟ ପ୍ରକାଶ କୁମାର ନେପାକ ମୁଖ୍ୟ ଅତିଥି ଏବଂ ଟ୍ରଷ୍ଟ ସଭ୍ୟ ଅଜିତ କୁମାର ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସଂଜିତା ଦାସ, ଶିକ୍ଷୟିତ୍ରୀ ସସ୍ମିତା ମହାକୁର, ମୋନିକା ପାତ୍ରୀ, ହେମଲତା ସାହୁ, ସ୍ୱାଗତିକା ପାତ୍ର ତଥା ଶିକ୍ଷକ ଦେବାନନ୍ଦ ସାହୁ, ପ୍ରତିଶ ନାଗ ଙ୍କ ସହଯୋଗରେ ବାର୍ଷିକ କ୍ରୀଡା ସୁଚାରୁ ରୂପେ ଆୟୋଜିତ ହୋଇଥିଲା ।

କୁକୁଡ଼ାଖଣ୍ଡିରେ ସାମାଜିକ ସୁରକ୍ଷା ଭତ୍ତା ବଂଟନ କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି,୧୬।୧୧ :(ମନୁନ) ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲ୍ଲା ପ୍ରଶାସନର ପରାମର୍ଶକ୍ରମେ ଶନିବାର କୁକୁଡ଼ାଖଣ୍ଡି ବ୍ଲକ ନୂତନ ବୈଠକ ଗୃହ ପରିସରରେ ଏକାକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ (ୟୁପିଏମ୍‌ପି)ର ଶୁଭାରମ୍ଭ ଉତ୍ସବ ସହ ନୂତନ ଭତ୍ତା ଭତ୍ତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ସହ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଂଚାଇବା ଲକ୍ଷ୍ୟରେ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନା ଅନ୍ତର୍ଗତ ଭତ୍ତା ଯୋଜନାରେ ସାମିଲ କରାଯାଇଛି । ମଧୁବାବୁ ପେନସନ ଯୋଜନାରେ କୁକୁଡ଼ାଖଣ୍ଡି ବ୍ଲକ ପରିସରଭୁକ୍ତ ୨୨ଟି ପଟ୍ଟାୟତ ତଥା ଅନନ୍ତେଇ୧୭ୀ, ଆଙ୍କୁଶପୁର ୧୪୭,ବାଘଲଟୀ ୭୬, ବାଲିପଡ଼ା ୧୦୨,ବଟୁପଲ୍ଲୀ ୯୨, ବଉଳଝୋଳି ୭୮, ବୋରିଗାଁ୧୨୧, ଡ଼େଙ୍ଗାପଦର ୯୫,ଦକ୍ଷିଣପୁର ୧୧୧ ଗୁରୁଣ୍ଡି ୧୨୭, ହୁଗୁଳାପଟା ୧୭୭, ଜଗଦଳପୁର ୪୨, କଙ୍କିଆ ୧୫, କୁକୁଡ଼ାଖଣ୍ଡି ୧୯୮, ଲାଞ୍ଜିଆ ୮୪, ଲାଠୀ ୧୧୩, ଲୋଚାପଡ଼ା ୨୪୮, ମସିହାଖାଲି ୭୪, ମହୁଡ଼ା ୩୭, ନିମଖଣ୍ଡି ୭୦, ରୋହିଗାଁ ୭୪, ସିହଳା ୧୫୫, ନୂତନ ଭାବେ ୨୪୦୯ ଜଣ ନୂତନ ହିତାଧିକାରୀ ସାମିଲ ହୋଇଥିବା ଜଣାପଡିଛି । କୁକୁଡ଼ାଖଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ପଲ୍ଲବୀ ସ୍ୱାଇଁ ସଂଯୋଜନାରେ ଅନୁଷ୍ଠିତ ସାମାଜିକ ସୁରକ୍ଷା ଭତ୍ତା ବଂଟନ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିଙ୍କୁ ସମୟୋଚିତ ଭତ୍ତା ପ୍ରଦାନ ଉଦ୍ଦେଶ୍ୟରେ ସରକାର କାର୍ଯ୍ୟକାରୀ କରିଥିବା ଯୋଜନା ଉପରେ ଆଲୋକପାତ କରିବା ସାଙ୍ଗକୁ ସାମାଜିକ ସୁରକ୍ଷା ଭତ୍ତା ପାଇଁ ଆଉ ହିତାଧିକାରୀଙ୍କ ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିବ ନାହିଁ । ନୂତନ ପୋର୍ଟାଲ୍ ମାଧ୍ୟମରେ ଆବେଦନ ଯାଂଚ ଓ ଅନୁମୋଦନ ପ୍ରକ୍ରିୟା ସହଜ ହେବା ସହ ଯୋଗ୍ୟ ବ୍ୟକ୍ତିମାନେ ଠିକ୍ ସମୟରେ ଭତ୍ତା



ପାଇପାରିବେ । ବିଧାୟକ ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ମାସିକ ୧୦୦୦ ଟଙ୍କା ଭତାରୁ ରାଜ୍ୟ ସରକାରଙ୍କ ୮୦୦ ଟଙ୍କା ହିତାଧିକାରୀଙ୍କ ହାତକୁ ଦିଆଯିବ ଏବଂ କେନ୍ଦ୍ର ସରକାରଙ୍କ ୨୦୦ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ମାସର ୧୫ରୁ ୨୫ ତାରିଖ ମଧ୍ୟରେ ପଠାଯିବ । ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ପ୍ରଥମ ଦିବସରେ ମଧୁବାବୁ ପେନ୍‌ସନ୍ ଯୋଜନା ମାଧ୍ୟମରେ ବୃଦ୍ଧ ବୃଦ୍ଧା, ବିଧବା, ସ୍ୱାମୀ ପରିତ୍ୟକ୍ତ, ଅବିବାହିତା ଓ ଭିନ୍ନକ୍ଷମଙ୍କ ୨୨ଟି ପଂଚାୟତର ୨୨୦ଜଣ ହିତାଧିକାରୀଙ୍କୁ ଭତା ପ୍ରଦାନ କରାଯାଇଛି । ଅବଶିଷ୍ଟ ହିତାଧିକାରୀମାନଙ୍କୁ ଆଗାମୀ କିଛି ଦିନ ମଧ୍ୟରେ ପଂଚାୟତସ୍ତରରେ ଭତା ବଂଟନ କରାଯିବ ବୋଲି ଜଣାପଡିଛି । ଭତା ବଂଟନ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ବଶିଷ୍ଠ କୁମାର ଜେନା, କ୍ରାନ୍ତି କୁମାରୀ ଦେବୀ, ଅନିଲ କୁମାର ଗୌଡ଼, କାପଲା ବୁଲୁ, ଚିତରଞ୍ଜନ ବିଷୋୟୀ, ମାମି ସାସମଲ,ଝିଲି ସେଠୀ, କାମିନୀ ନାୟକ, ସୁଦେଷ୍ଣା ସାହୁ, ଗୌରୀ ଗୌଡ.ସସ୍ମିତା ସାହୁ, ଶଶି ବେହେରା, ପୂର୍ଣ୍ଣବାସୀ ବିଶ୍ୱାଳ, ସମାଜସେବୀ ଉଦୟନାଥ ବେହେରା, ଉପାଧ୍ୟକ୍ଷା ପ୍ରତିନିଧି ଗୌରୀ ଶଙ୍କର ପାତ୍ର,ଅଦଲ ନନ୍ଦକିଶୋର,କୈଳାଶ ବିଷୋୟୀ, ଜିତେନ୍ଦ୍ର କୁମାର ସେଠୀ,ନିଲେସ ଦଲେଇ, ଗୌତମ ମହାରଣାଙ୍କ ସମେତ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀ ଓ ସମସ୍ତ ପିଇଓଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଓମ ଶିଶୁ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ,୪୯ ଷ୍ଟଲ ପ୍ରଦର୍ଶିତ

ମୋରଡ଼ା,୧୬।୧୧ :(ମନୁନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଦେଉଳି ସ୍ଥିତ ଓ ମଶିଶୁ ଶିକ୍ଷା କେନ୍ଦ୍ର ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଚାଚା ନେହେରୁଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ସମସ୍ତେ ଶିଶୁଦିବସ ସଂପର୍କରେ ମନ୍ତବ୍ୟ ରଖିଥିଲେ । ତାପରେ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ବେହେରା ବିଜ୍ଞାନ ମେଳାକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଚନ୍ଦ୍ରିକା ପ୍ରଥାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ତହସିଲଦାର ନାରାଣ ହେମ୍ବ୍ରମ ଓ ତାଙ୍କ ସହଧର୍ମିଣୀ ଶାନ୍ତିପ୍ରିୟା ମୁର୍ମୁ ଯୋଗ ଦେଇ ପିଲାଙ୍କୁ ବିଜ୍ଞାନର ଉପକାରିତା ସଂପର୍କରେ ଓ ବିଜ୍ଞାନ ଆଗେଇଲେ ଦେଶ ଆଗେଇବ ଦେଶ ଆଗେଇଲେ ଆମେ ଆଗେଇ ବା ବୋଲି ଉଦ୍‌ବୋଧନ ଦେଇଥିଲେ । ସମ୍ମାନୀୟ ଅତିଥିମାନେ ବିଜେପିର ୫୩ ନଂ ଜୋନର ମଣ୍ଡଳ ସଭାପତି ମନୋଜ କୁମାର ଦା ଯୋଗ ଦେଇ ଭଲ ମଣିଷ ହେବାକୁଆହ୍ୱାନ ଦେଇଥିଲେ । ବିଜେପିର ଅନ୍ୟତମ ଯୁବ ପ୍ରତିଭା ଅନ୍ତର୍ଯ୍ୟାମୀ କାନୁନଗୋ ଯୋଗଦେଇ ପିଲାଙ୍କୁ ଆଜିର ଶିଶୁ ଦିବସ ଓ ବିଜ୍ଞାନ ମେଳା ବିଷୟ ରେ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀଅର୍ଚ୍ଚନା ଟିପିରିଆ, ପ୍ରଜ୍ଞା, ବାସନ୍ତୀ, ସୁଦେବୀ, ମାମି, ବିଷ୍ଣୁ, ଲକ୍ଷ୍ମୀ, ମମତା, ମୀନତି, ମାନସୀ, ମନ୍ଦାକିନୀ , ସସ୍ମିତା, ବିଜ୍ଞାନ ମେଳାରେ ସହଯୋଗ କରିଥିଲେ । ମେଳାରେ ୪୯ଟି ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା । ମୁଖ୍ୟ ଅତିଥି ଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷାନୁଷ୍ଠାନର ବିକି ଓ ମାମା ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ସଂପାଦନ କରିଥିଲେ ।ଶେଷ୍ରରେ ଶିକ୍ଷକ ନାରାୟଣ ପୁଷ୍ଟି- ବିଜ୍ଞାନ ମେଳା ଓ ଶିଶୁଦିବସ ସଂପର୍କରେ ବୁଝାଇବା ସହିତ ଅନ୍ୟବାଦ ଅର୍ପଣ କରିଥିଲେ ।

ଡିମିଆଁ ଠାରେ ଅନୁଷ୍ଠିତ ହେଲା ମିନି ମାରାଥନ୍ ପ୍ରତିଯୋଗିତା

ମୋରଡ଼ା,୧୬।୧୧ :(ମନୁନ)ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକର ଡିମିଆଁ ଗ୍ରାମରେ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ ମାରାଥନ୍ ଗିଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ,ଏହି ମାରାଥନ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର କୋଣ ଅନୁକୋଣରୁ ଯୁବକ ମାନେ ଅଂଶ ଗ୍ରହଣ କରିଥିଲେ, ଏହାସହିତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରୁ ବାହୁ ଯୁବକ ଏଥିରେ ଅଂଶ ଗ୍ରହଣ କରିଥିଲେ ତେବେ ଏହି ମାରାଥନ ପ୍ରତିଯୋଗିତାରେ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ୩୮୦ ଜଣ ନାମ ପଞ୍ଜିକରଣ କରିଥିଲେ ।ସକାଳ ୭ଟା ସମୟରେ ମହାବିଲ୍ଲା ଗ୍ରାମ ଠାରୁ ଡିମିଆଁ ଗ୍ରାମକୁ ୧୪ କି.ମି ଦୂରତା ବିଶିଷ୍ଟ ପ୍ରତିଯୋଗିତା ହୋଇଥିଲା । ଏହି ମାରାଥନକୁ ଶୁଳିଆପଦା ତହସିଲଦାର ନାରାୟଣ ହେମ୍ବ୍ରମ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଦକ୍ଷତା କ୍ରମରେ ଏଥିରେ ୩୦ ଜଣ ପ୍ରତିଯୋଗୀଙ୍କୁ ଭିନ୍ନ ଭିନ୍ନ ମେଡାଲ ସହିତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା, ତେବେ ଏହି ପ୍ରତି ଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମୟୂରଭଞ୍ଜ କରଞ୍ଜିଆର ପ୍ରେମରାଜ୍ ଟୁଡୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ରାଇରଙ୍ଗପୁରର ସୁବାନ ପୂର୍ତି , ତୃତୀୟ ସ୍ଥାନ ଅଧିକାର କରିଥିଲେ ରାଇରଙ୍ଗପୁର ଦିପୁ କିସ୍କୁ , ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ସୁନ୍ଦରଗଡ଼ ଜିଲ୍ଲାରୁ ଦେବାଶିଷ ମହାନ୍ତ, ପଞ୍ଚମ ସ୍ଥାନ ଅଧିକାର କରିଥିଲେ ରାଇରଙ୍ଗପୁରର ମୁକେଶ ତିରୀୟା ତେବେ ବିଜେତା ମାନେ ପ୍ରତିକ୍ରିୟା ରଖିଥିଲେ ଯେ ଏହି ପ୍ରତିଯୋଗିତାରେ ବହୁତ୍ ଖୁସି ଅନୁଭବ କରିବା ସହିତ ରାଜ୍ୟର ପ୍ରତେକ୍ ବ୍ଲକ୍ ସ୍ତରରେ ଏମିତି ପ୍ରତିଯୋଗିତା ହେଲେ ଯୁବ ପିଢୀ ଉତ୍ସାହିତ ହେବା ସହିତ ନୂତନ ପ୍ରେରଣା ଯାଇପାରିବେ ।

ଦିଗପହଣ୍ଡିରେ ଏକୀକୃତ ପେନସନ୍ ପରିଚାଳନା ପୋର୍ଟାଲ ଶୁଭାରମ୍ଭ

କୁକୁଡାଖଣ୍ଡି, ୧୬।୧୧ :(ମନୁନ)ଏକୀକୃତ ପେନସନ ପରିଚାଳନା ପୋର୍ଟାଲର ଶୁଭ ଉନ୍ମୋଚନ ଅବସରରେ ଶୁକ୍ରବାର ଦିନ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ବଳଦେବ ରଥ କଲ୍ୟାଣ ମଣ୍ଡପ ପରିସରରେ ଦିଗପହଣ୍ଡି ବ୍ଲକ ଓ ଏନ୍‌ଏସି ସ୍ତରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ବ୍ଲକ ଅଧିନସ୍ଥ ୨୫ ଗୋଟି ପଞ୍ଚାୟତର ୧୬୧୭ ଜଣ ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ

ଆଞ୍ଚଳିକ ଗୁଞ୍ଜନ

ମଙ୍ଗଳବାର,୧୭ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,17 November 2026, Bhubaneswar



ବୁଗୁଡ଼ା ଅଞ୍ଚଳରେ ମା' କାଳୀ ଓ ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ

ବୁଗୁଡ଼ା, ୧୬।୧୧ :(ମନ୍ଟୁନ)ଚଳିତ ବର୍ଷ ବୁଗୁଡ଼ା ସହର ମଧ୍ୟସ୍ଥ ମଦନ ମୋହନ ଛକରେ ସୁସଜ୍ଜିତ ଅସ୍ଥାୟୀ ମଣ୍ଡପରେ ଅମବାସ୍ୟାଠାରୁ ପୂଜା ପାଇଆସୁଥିବା ଶକ୍ତିସ୍ୱରୂପିଣୀ, ଅଭୟ ବରଦାୟିନୀ, ପାପ ନାସିନୀ ମା କାଳୀଙ୍କୁ ହର୍ଷ ?ଲ୍ଲାସର ସହିତ ମେଲାଣି ଦିଆଯାଇଛି । ସେହିପରି ଗୋଲିଆ ଗ୍ରାମର ତେଲୁଗୁ ସାହିରେ ଦୀପାବଳି ପର୍ବଠାରୁ ପୂଜାପାଇ ଆସୁଥିବା ମା'ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବାଦ୍ୟ ବାଜଣା ଓ ଶଙ୍ଖ ଧ୍ୱନି ମଧ୍ୟରେ ବୁଗୁଡ଼ାର ମା' କାଳୀଙ୍କୁ ପୁଷ୍କରିଣୀରେ ଏବଂ ଗୋଲିଆର ମା' ଶ୍ୟାମାକାଳୀଙ୍କୁ ବାଘୁଆ ନଦୀରେ ବିସର୍ଜନ କରାଯାଇଛି ।

ଓଶ୍ରୁ ବଲାଙ୍ଗିର ଜିଲ୍ଲା ର ବାର୍ଷିକ ସମ୍ମିଳନୀ

ବଲାଙ୍ଗିର,୧୬।୧୧ :(ମନ୍ଟୁନ)ଓଶ୍ରୁ ବଲାଙ୍ଗିର ଜିଲ୍ଲା ର ବାର୍ଷିକ ସମ୍ମିଳନୀ ସ୍ଥାନୀୟ ସାମ୍ବାଦିକ ଭବନ ରେ ଅନୁଷ୍ଠିତ ହୋଇଛି । ଏହି ବାର୍ଷିକ ସମ୍ମିଳନୀରେ ସଂଗଠନର ବାର୍ଷିକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ଏବଂ ବାର୍ଷିକ ଆୟ ର ହିସାବ ଉପସ୍ଥାପନା କରାଯାଇ ଗୃହିତ କରାଯାଇଥିଲା । ଏହି ସମ୍ମିଳନୀ କୁ ଜିଲ୍ଲା ସଭାପତି ସାଥି ବିକାଶ ରଂଜନ ପାତ୍ର, ଜିଲ୍ଲା ଉପସଭାପତି ସାଥି ଆକାଶ ମିଶ୍ର, ରାଜ୍ୟ ଉପସଭାପତି ସାଥି ଅନିରୁଦ୍ଧ ମହାପାତ୍ର ପରିଚାଳନା କରିଥିଲେ । ଜିଲ୍ଲା ସମ୍ପାଦକ ସାଥି ବାପୁନି କୁମାର ସାହୁ ସମ୍ପାଦନୀୟ ବିବରଣୀ ପରିବେଷଣ



କରିଥିଲେ । ଜିଲ୍ଲା କୋଷାଧକ୍ଷ ସାଥି ସତ୍ୟ ନାରାୟଣ ରଥ ଆୟ ବ୍ୟୟ ର ହିସାବ ରଖିଥିଲେ । ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ସାଥି ଭାସ୍କର ମିଶ୍ର କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ । ସମ୍ମିଳନୀ ରେ ସହରର ସମ୍ମାନନନୀୟ ଡା. ନରେନ୍ଦ୍ର କୁମାର ସାହୁ ଏବଂ ବଲାଙ୍ଗିର କେମିଷ୍ଟ ଓ ଡ୍ରଗିଷ୍ଟ ସଂଗଠନର ସଭାପତି ଓ ସମ୍ପାଦକ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଓଶ୍ରୁ ର ରାଜ୍ୟ ଉପସଭାପତି ସାଥି ଅନିରୁଦ୍ଧ ମହାପାତ୍ର, ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ସାଥି ଭାସ୍କର ମିଶ୍ର ଏହି ସମ୍ମିଳନୀ ରେ ରାଜ୍ୟ ଏବଂ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଶ୍ରମିକ ମାରଣନୀତି ଉପରେ ଆଲୋକପାତ କରି ବକ୍ତବ୍ୟ ରଖିଥିଲେ । ମେଡିକାଲ ରିପ୍ରେଜେଣ୍ଟଟିଭ୍ ମାନେ କାର୍ଯ୍ୟକ୍ଷେତ୍ର ରେ ଭୋଗୁଥିବା ଦୈନନ୍ଦିନ ଅସୁବିଧା ଉପରେ ଆଲୋଚନା କରାଯାଇଥିଲା । ଏହି ସମ୍ମିଳନୀ ରେ ଆଗାମୀ ବର୍ଷ ପାଇଁ ନୂତନ ଜିଲ୍ଲା କମିଟି ଗଠନ କରାଯାଇଛି । ଜିଲ୍ଲା ସଭାପତି ଭାବେ ସାଥି ବିକାଶ ପାତ୍ର, ଉପସଭାପତି ଭାବେ ସାଥି ଏମ୍.ଏ. ଖାନ, ଜିଲ୍ଲା ସମ୍ପାଦକ ସାଥି ବାପୁନି କୁମାର ସାହୁ ଏବଂ କୋଷାଧକ୍ଷ ଭାବେ ସାଥି ସତ୍ୟ ନାରାୟଣ ରଥ ସର୍ବ ସମ୍ମତି ରେ ନିର୍ବାଚିତ ହୋଇଥିଲେ ।

ଆଶ୍ରା ଅନୁଷ୍ଠାନରେ ଶିଶୁ ଦିବସ ପାଳନ

ବଲାଙ୍ଗିର,୧୬।୧୧ :(ମନ୍ଟୁନ)ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦ୍ୟାଶକ୍ତି ନାରୀ ସଂଗଠନ ଓ ଶିଶୁ ବିକାଶ କେନ୍ଦ୍ର ମିଳତ ଉଦ୍ୟମରେ ପେଲେସଲାଇନ ସ୍ଥିତ ଆଶ୍ରା ସଂଗଠନରେ ଶିଶୁ ଦିବସ ମାଳତୀ ଉଦ୍‌ଗାତା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମରେ ପଣ୍ଡିତ ଜବାହାରଲାଲ ନେହେରୁ ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯାଇଥିଲା ।



ଅନ୍ତେବାସିନୀ ମାନସିକ ଅନଗ୍ରସର ପିଲାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା କରାଯାଇଥିଲା । ପିଲାମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଉପହାର ବିତରଣ ଓ ଫଳ ବିସ୍କୁଟ ଖାଇବାକୁ ଦିଆଯାଇଥିଲା । ଶିଶୁ ବିକାଶ କେନ୍ଦ୍ର ର ସଭାପତି କସ୍ତୁରୀ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପଣ୍ଡିତ ନେହେରୁ ଙ୍କ ଜୀବନାଦର୍ଶକୁ ଅନୁକରଣ କରି ଜୀବନ ଗଠନ କରିବାକୁ ଉପସ୍ଥିତ ସଭ୍ୟ ସଭ୍ୟା ସଂକଳ୍ପବଦ୍ଧ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜଶ୍ରୀ ତ୍ରିପାଠି, ଦୀପ୍ତିମୟୀ ମିଶ୍ର, ସସ୍ମିତା ଖମାରୀ, ପ୍ରିୟା ମିଶ୍ର, ଶୋଭିନୀ ମହାଲିଙ୍ଗ, ଆରତୀ ମିଶ୍ର, ମାଧୁରୀ କୁଅଁର, ସ୍ୱର୍ଣ୍ଣଲତା ମିଶ୍ର, ପୁଷ୍ପଲତା ମିଶ୍ର, ମନ୍ଦାକିନୀ ବରେଇ, ତନୁଜା ପତି, ନିରୁପମା ମିଶ୍ର, ବିଜୟଲକ୍ଷ୍ମୀ ମିଶ୍ର ସହଯୋଗ କରିଥିଲେ । ଶେଷରେ ସଂଯୁକ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ଭାବ୍ୟ ବନ୍ୟାଜଳ ନିଷ୍କାସନ ଲାଗି ଆଗୁଆ ସତର୍କ ସୂଚନା ଜାରି କଲା ବାଘୁଆ ଜଳସେଚନ ପ୍ରଶାସନ

ବୁଗୁଡ଼ା,୧୬।୧୧ :(ମନ୍ଟୁନ) ଲଘୁଚାପ ଜନିତ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ବାଘୁଆ ଜଳସେଚନ ଉପବିଭାଜନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ବାଘୁଆ ଜଳଭଣ୍ଡାରରୁ ଯେକୌଣସି ସମୟରେ ବାଘୁଆ ନଦୀଗର୍ଭକୁ ବନ୍ୟାଜଳ ଛାଡିବା ସକାଶେ ମାଇକ୍ ଯୋଗେ ଆଗୁଆ ସତର୍କ ସୂଚନା ଜାରି କରିଥିବା ଜଣାଯାଇଛି । ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଳସେଚନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଏଥି ସକାଶେ ସତର୍କ ରହିବାକୁ କୁହାଯାଇଛି । ଆସନ୍ତା ୧୮ ତାରିଖଠାରୁ ୨୧ ତାରିଖ ପର୍ଯ୍ୟନ୍ତ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷା ସମ୍ଭାବନା ଯୋଗୁଁ ଜଳଭଣ୍ଡାରରେ ଜଳ ପଉନ ବୃଦ୍ଧି ଆଶଙ୍କାରେ ବନ୍ୟା ନିୟନ୍ତ୍ରଣର ଆଗୁଆ ପଦକ୍ଷେପ ଗ୍ରହଣ ପାଇଁ ଏଭଳି ସୂଚନା ଜାରି



କରାଯାଇଛି । ବାଘୁଆ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୧୩.୮୫ ମିଟର (୩୧୦୦ ହେକ୍ଟର ମିଟର) ଥିବାବେଳେ ବର୍ତ୍ତମାନ ଜଳଭଣ୍ଡାରରେ ୧୧୨.୬୮ମିଟର (୧୨୩୭.୮୦ ହେକ୍ଟର ମିଟର) ତଥା ୭୨.୧୯% ଜଳ ଗଚ୍ଛିତ ଅଛି। ତେଣୁ ଏହି ୪ ଦିନ ବର୍ଷା ସମୟରେ କୌଣସି ସମୟରେ ଜଳଭଣ୍ଡାରର ଜଳସ୍ତର ବିପଦ ସଙ୍କେତରେ ପହଞ୍ଚି ଯାଇପାରେ। ଜଳଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଯେକୌଣସି ସମୟରେ ବନ୍ୟାଜଳ ବାଘୁଆ ନଦୀରେ ଛଡାଯାଇପାରେ। ତେଣୁ ସୂଚନା ଅନୁସାରେ ନଦୀଗର୍ଭକୁ କୌଣସି ପ୍ରକାରେ ବ୍ୟବହାର କରିବା ନିଷେଧ କରାଯିବା ସହ ସାବଧାନତା ଅବଲମ୍ବନ କରିବାକୁ ଲୋକଙ୍କୁ କୁହାଯାଇଛି। ଏଥିସହ ଗୃହପାଳିତ ପଶୁଙ୍କୁ ନଦୀ ଭିତରକୁ ନଛାଡିବା, ନିଜ ନିଜର ଧନ ଜୀବନର ସୁରକ୍ଷା ପାଇଁ ସର୍ବସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ସୂଚନା ଜାରି କରାଯାଇଛି । ସମସ୍ତଙ୍କ ଗୋଚରାର୍ଥ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା, ଭଗବାନପୁର , ବି. କରଡ଼ାବାଡ଼ି, ବିରଞ୍ଚିପୁର, ଗୋଲିଆ, ଭାମଶିଆଳି, ସୋଡକ ଆଦି ପଞ୍ଚାୟତରେ ଓ କୋଠଘର କାନ୍ଥରେ ସତର୍କ ସୂଚନା ବିଜ୍ଞାପନ ମରାଯାଇ ବିଶେଷତଃ ନଦୀ କୂଳିଆ ଗ୍ରାମର ଗ୍ରାମବାସୀଙ୍କୁ ଏଥି ପ୍ରତି ସଚେତନ ରହିବାକୁ କୁହାଯାଇଛି ।

ଶୈବପୀଠ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ବୁଗୁଡ଼ା,୧୬।୧୧ :(ମନ୍ଟୁନ)ପୁଣ୍ୟ ଓ ଧର୍ମ ମାସ କାର୍ତ୍ତିକରତୁର୍ଥ ସୋମବାର ଦିନ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ସହସ୍ର ସହସ୍ର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା । ପ୍ରାତଃକାଳରରୁ ହିଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା । ଭକ୍ତମାନେ ପାହାଚ ଚଢି କିମ୍ବା ଘାଟି ରାସ୍ତାରେ ଯାଇ ବୁଦ୍ଧଖୋଲ ପାହାଡ଼ ଉପରିସ୍ଥ ପଞ୍ଚଶମ୍ଭୁଙ୍କ ଦର୍ଶନ ଲାଭ କରିଥିଲେ । ଅନ୍ୟପକ୍ଷରେ ବୁଦ୍ଧଖୋଲ ପାଦଦେଶର ବିଭିନ୍ନ ସ୍ଥାନରେ ଲୋକେ ରୋଷେଇକରି ଭୋଜିଭାତର ଆସର ଜମେଇ ଥିଲେ । ପ୍ରଥମ ସୋମବାରଟି କୁମାର ପୂର୍ଣ୍ଣିମା ପରଦିନ ପଡିଥିବାରୁ ବୁଦ୍ଧଖୋଲରେ ସେତେଟା ଗହଳି ଚହଳି ଦେଖିବାକୁ ମିଳିନଥିଲା ବେଳେ ଦ୍ୱିତୀୟ ସୋମବାର ଦିନ ସକାଳୁ ହିଁ ବର୍ଷା ଆରମ୍ଭ ହୋଇଯାଇଥିବାରୁ ଶୈବପୀଠ ଖାଁ ଖାଁ ଲାଗିଥିଲା। ତୃତୀୟ ସୋମବାର ଦିନ ପାଗ ଅନୁକୂଳ ରହିଥିଲେ ହେଁ ତାହା ଦୀପାବଳି ଉତ୍ସବର ପରଦିନ ହୋଇଥିବାରୁ ବୁଦ୍ଧଖୋଲରେ ଶ୍ରଦ୍ଧାଳୁଙ୍କ ସମାବେଶ ଆଶାଜନକ ଘଟିନଥିଲା ।

ଜରପଡା ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ରକ୍ତଦାନ ଶିବିର

ଛେଣ୍ଡିପଦା,୧୬।୧୧ :(ମନ୍ଟୁନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ଜରପଡା ପଡିତ ପାବନ ଉଚ୍ଚ ବିଦ୍ୟାଳୟ ଠାରେ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଏକ ଦିନିକିଆ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଞ୍ଚଳିକ ଯୁବ ପରିଷଦ ସଦସ୍ୟ ଗୁରୁଦେବ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଣୀ ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ନାରାୟଣ ସାହୁ, ଜରପଡା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ମୋଟ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଗୋଳ ଜିଲ୍ଲା ରେଡ କ୍ରସ୍ ରକ୍ତ ଭଣ୍ଡାର ସମସ୍ତ ପଦାଧିକାରୀ କର୍ମଚାରୀ ମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ଆଞ୍ଚଳିକ ଯୁବ ପରିଷଦ ସଦସ୍ୟ ପଙ୍କଜ ସାହୁ, ରାକେଶ କୁମାର ସାହୁ, ସିପୁନ ସ୍ୱାଇଁ, ଗୌରୀ ଶଙ୍କର ସାହୁ, ବବୁନ ପ୍ରଧାନ, ରାଜେଶ ସାହୁ, ପ୍ରବୀଣ କୁମାର ସାହୁ, ମନୋଜ କୁମାର ବେହେରା, ଦିଲ୍ଲିପ ଦେହୁରୀ , ଟୁଟୁ ଦେହୁରୀ, ଚିକୁ ସାହୁ, ଲିଙ୍କନ ସାହୁ, ସତ୍ୟବାନ ସାହୁ, ମଳୟ ସାହୁ, ହରି ଶଙ୍କର ସାହୁ, ଲମ୍ବୋଦର ସାହୁ ପ୍ରମୁଖ ଯୋଗ ଦେଇ ସକ୍ରିୟ ସହଯୋଗ କରିଥିଲେ ।

କୋଣାର୍କ ଯାତ୍ରୀ ନିବାସ ଠାରେ ଜାତୀୟ ପ୍ରେସ ଦିବସ ପାଳିତ

ଜନତାଙ୍କ ସ୍ୱର ଓ ସୁଦୃଢ଼ ଗଣତନ୍ତ୍ର ପାଇଁ ପ୍ରେସ କମିଶନ ଗଠନ ଜରୁରୀ

ଗୋପ, ୧୬।୧୧ :(ମନ୍ଟୁନ)ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମେଳନ କକ୍ଷ ଠାରେ ଅଗ୍ରଣୀ ଇଂରାଜୀ ପତ୍ରିକା 'ମାସ୍ ଆଉଟ୍ ରିଚ' ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଅଗ୍ରଣୀ ଇଂରାଜୀ ପତ୍ରିକା ମାସ୍ ଆଉଟ ରିଚ ର ସଂପାଦକ ମୀର ଅହମ୍ମଦ ଅଲ୍ଲୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜାତୀୟ ପ୍ରେସ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ରାଜନୈତିକ ସମୀକ୍ଷକ ରବି ଦାସ, ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ଭବାନୀ ଶଙ୍କର ମହାପାତ୍ର, ଖ୍ୟାତନାମା ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଚନ୍ଦନ କର, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ ଓ ଖୋର୍ଦ୍ଧା ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତୀ ବାଲା ମଲ୍ଲିକ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମୟରେ ସାଧାରଣ ଜନତାଙ୍କ ସ୍ୱର ଗଣମାଧ୍ୟମ ନିଜର ନିରପେକ୍ଷତା ଓ ବାକ ସ୍ୱାଧୀନତା କୁ ସଶକ୍ତ ଓ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରେସ କମିଶନ ଗଠନ କରିବାର ଆବଶ୍ୟକତା




ରହିଛି । ଗଣମାଧ୍ୟମ ନିରପେକ୍ଷତା ଭାବେ ଖବର ପରିବେଷଣ କରି ସାଧାରଣ ଜନତାଙ୍କ ସ୍ୱର ହେବା ପାଇଁ ନିରପେକ୍ଷତା ବଜାୟ ରଖିବା ସହ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଖବର ପରିବେଷଣ କରିବା ପାଇଁ ସ୍ୱତନ୍ତ୍ରତା ପ୍ରଦାନ କରିବା ଅପରିହାର୍ଯ୍ୟ। ବର୍ତ୍ତମାନ ସମୟରେ ଗଣମାଧ୍ୟମ ନିରପେକ୍ଷ ବଜାୟ ରଖିବା ବଦଳରେ ଜନତାଙ୍କ ସ୍ୱର କୁ ଶାଣିତ କରିବା ଦିଗରେ ସମ୍ବାଦ ସରବରାହ ସଂସ୍ଥା ମାନଙ୍କ ଚାପର ବଶବର୍ତ୍ତୀ ହୋଇ ନିରପେକ୍ଷତା ଆସ୍ତେ ଆସ୍ତେ ହ୍ରାସ ପାଉଛି ବୋଲି ମୁଖ୍ୟ ବକ୍ତା ବରିଷ୍ଠ ସାମ୍ବାଦିକ ରବି ଦାସ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରୀ, କାକଟପୁର, କୋଣାର୍କ, ବାଲିପାଟଣା, ଅଷ୍ଟରଙ୍ଗ ଓ ଭୁବନେଶ୍ୱରର ୨୨ଜଣ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର, ପୁରୀ ଓ କୋଣାର୍କ ସମେତ ବିଭିନ୍ନ ସ୍ଥାନରୁ ୧୦୦ ଉର୍ଦ୍ଧ୍ୱ କାଯ୍ୟରତ ସାମ୍ବାଦିକ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଂରାଜୀ ପତ୍ରିକା ମାସ୍ ଆଉଟ ରିଚର ସୁଶାନ୍ତ କୁମାର ମଲ୍ଲିକ, ପ୍ରିୟଙ୍କା ମହାନ୍ତି ଓ ପ୍ରଜ୍ଞା ପାରମିତା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

ନବରଙ୍ଗପୁର ଠାରେ ହେବ ଭାରତୀୟ ମଜଦୁର ସଂଘ ର ରାଜ୍ୟ ଅଧିବେଶନ

ନବରଙ୍ଗପୁର,୧୬।୧୧ :(ମନ୍ଟୁନ) ଭାରତୀୟ ମଜଦୁର ସଂଘ, ଓଡ଼ିଶା ପ୍ରଦେଶ ପକ୍ଷରୁ ଆସନ୍ତା ଡିସେମ୍ବର ୨୬, ରୁ ୨୮ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁରରେ ୧୮ତମ ତ୍ରିବାର୍ଷିକ ରାଜ୍ୟ ସମ୍ମିଳନୀ ଆୟୋଜିତ ହେବ। ଏହି ତିନିଦିନିଆ ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଶିଳ୍ପ ଓ କ୍ଷେତ୍ରରୁ ପ୍ରାୟ ୭୦୦ ଜଣ ପ୍ରତିନିଧି ଯୋଗଦେବେ। ପ୍ରଥମ ଦିନ ଉଦ୍ ?ଘାଟନୀ କାର୍ଯ୍ୟକ୍ରମ ପରେ ନବରଙ୍ଗପୁର ସହରରେ ଏକ ବିଶାଳ ଶୋଭାଯାତ୍ରା ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲା ଓ ରାଜ୍ୟର ଶ୍ରମିକ ସମସ୍ୟାକୁ ନେଇ ଆଲୋଚନା କରାଯିବ। ପ୍ରାୟବଟ ସେକଟର, ସ୍କିମ ୱାର୍କର ଓ ନିର୍ମାଣ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା କୁ ନେଇ ପ୍ରସ୍ତାବ ପାରିତ କରାଯିବ ଏବଂ ସରକାରଙ୍କୁ ସେହି ପ୍ରସ୍ତାବ ପଠାଯିବ । ସମ୍ମିଳନୀରେ ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନ ଭୋଜନ, ଉଜଚ, ଗଛକ, କୃଷିମିତ୍ର ଓ ବ୍ୟାଙ୍କମିତ୍ରଙ୍କ ଭଳି ସ୍କିମ୍ କର୍ମଚାରୀଙ୍କ ସମସ୍ୟା, ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ, ଠିକା କର୍ମଚାରୀଙ୍କ ନିଯୁକ୍ତି ଓ ଅବହେଳା, ସାମାଜିକ ସୁରକ୍ଷା, ଚାକିରି ସୁରକ୍ଷା ଏବଂ ମଜୁରୀ ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଗ୍ରହଣ କରାଯିବ। ତିନିଦିନିଆ ସମ୍ମିଳନୀ ଶେଷରେ ନୂତନ ରାଜ୍ୟ କମିଟି ନିର୍ବାଚନ କରାଯିବ। ନୂତନ କମିଟି ଆଗାମୀ ୩ ବର୍ଷ ପାଇଁ ସଂଗଠନର ନେତୃତ୍ୱ ନେବ। ଗ୍ରହଣ କରାଯାଇଥିବା ପ୍ରସ୍ତାବକୁ ଆଧାର କରି ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ସହ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରେସ୍‌ମିଟ୍‌ରେ ସୂଚନା ଦିଆଯାଇଛି । ଏଥିରେ ଶ୍ରୀ ଯୁକ୍ତ ବାଦଲ ମହାରଣା ରାଜ୍ୟ ସଭାପତି, ଶ୍ରୀ ଯୁକ୍ତ ସଚ୍ଚିଦାନନ୍ଦ ଗଡ଼ନାୟକ ରାଜ୍ୟ ସମ୍ପାଦକ, ଶ୍ରୀ ଯୁକ୍ତ ସଞ୍ଜୟ କୁମାର ଦେହୁରୀ କଷାଦକ୍ଷ, ଶ୍ରୀଯୁକ୍ତ ପୃଥ୍ୱୀରାଜ ପଣ୍ଡା କେନ୍ଦ୍ରୀୟ ସହ ସମ୍ପାଦକ, ଶ୍ରୀ ଯୁକ୍ତ ଲକ୍ଷ୍ମଣ ଦାସ ରାଜ୍ୟ ସଂଗଠନ ସମ୍ପାଦକ, ଶ୍ରୀ ଆଲୋକ ରଥ ରାଜ୍ୟ ଉପସଭାପତି, ଶ୍ରୀ ବିରଞ୍ଚି ଷଡ଼ଙ୍ଗୀ ଅଧିବେଶନ ପ୍ରଭାରୀ, ଆଶାକର୍ମୀ ସଂଘ ରାଜ୍ୟ ଉପ ସଭାନେତ୍ରୀ କମଳା ବେହେରା, ଜିଲ୍ଲା ସଭାପତି ବାଙ୍କ ବିହାରୀ ବିଷୋୟୀ ଉପଦେଷ୍ଟା ପରମେଶ୍ୱର ବିଷୋୟୀ ଖଗେଶ୍ୱର ବିଷୋୟୀ ଅଙ୍ଗନବାଡି ସଂଘ ଜିଲ୍ଲା ଓ ବ୍ଲକ ପଦାଧିକାରୀ ଆଶା କର୍ମୀ ସଂଘ ର ଜିଲ୍ଲା ଓ ବ୍ଲକ କାର୍ଯ୍ୟକର୍ତ୍ତା ବିଭିନ୍ନ ସଂଗଠନ ରୁ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା ବିଷ୍ଣୁ ପ୍ରସାଦ ବିଷୋୟୀ ଆୟୋଜନ କରିଥିଲେ ।

ଜିଲ୍ଲା ବ୍ରାହ୍ମଣ ମହାସଭା ରୁଦ୍ରାଭିଷେକ ଉତ୍ସବ ପାଳନରେ ବିଧାୟକଙ୍କ ଯୋଗଦାନ

ବଲାଙ୍ଗିର,୧୬।୧୧ :(ମନ୍ଟୁନ) ଜିଲ୍ଲା ବ୍ରାହ୍ମଣ ମହାସଭାର ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠୀ ଓ ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏବଂ କର୍ମକର୍ତାଙ୍କ ଅକୁଣ୍ଠିତ ସହଯୋଗରେ ସମାଜ ତଥା ବଲାଙ୍ଗିର ର ସମସ୍ତ ଜନସାଧାରଣଙ୍କ ମଙ୍ଗଳ କାମନା ଉଦ୍ଦେଶ୍ୟରେ ଶ୍ରୀ ଶ୍ରୀ ନୃସିଂହ ମନ୍



"ମିଶ୍ର ମୋର ଦୋଷ ୪ ହୋଇ ମାତିରେ,
ହେଲାବାରୁ ଚାରି ଥାଆନ୍ତୁ ଘରେ ।
ହେଲାବାରୁ-ଦୁଆରୁ ଘରେ ଲାଖି ଥାଏ
ଦୁଇ ଦୋଳି ମିଶ୍ର ମୋର ମାଂସ ହାଏ ।

ଭାଇଚାରା

ବର୍ତ୍ତୁଦ୍ୱେଂ ଜଲା ମାଂ ଭଦ୍ରଦେଦଂ ଦୁଦ ହେଲ ବମ୍ବ ଘାମ ଟାଙ୍ଗ
ବର୍ତ୍ତୁଆ ଦଙ୍ଗାଦେଂଟ୍ରା ବ ହେଲାରା ମାର ଦଙ୍ଗି ।।
ଶ୍ରୀ: ହେଲ ଦୁଦ୍ଧ ଦଙ୍ଗାଦେଂ ଦୁଦ ହେଲ ବମ୍ବ ଘାମ ଘାମାଙ୍ଗ ଦାଏ
ଶ୍ରୀମୁଦ୍ଧେଂ ଦୁଦ ମାମାଙ୍ଗ (ବର୍ତ୍ତୁଦାଦଂଦ ଦାଦୁଦଂଦଂଦୁ) ଭଦ୍ରଂ,
ହେଲ ହେଲା ବଦଂଦୁଦାଂ ଦୁଆମାଂ ବଦୁଦେଂ ମାଂ ମାମା ଦେଦି ଦୁଁ
ବଦଂ ଦୁଆ ଦଂଦୁଦା ।।

ଆମ ବିଶ୍ୱରେ ଆମାକର ଅଧୁନିକ ଅଭ୍ୟତ୍ୱାନ

ଲୋଗାଙ୍ଗ ମଦ୍ଦାଦ

ଅମାବସ୍ୟା ଓ ପୂର୍ଣ୍ଣିମା ଦିନ ଗାଁରେ ଗାଁରେ ଯେଉଁ ଉତ୍ସବ ପାଳନ ହୁଏ, ତାହା ହେଉଛି ଭୂତ ଉତ୍ସବ । ଏହି ଦିନ ଗାଁର ଲୋକେ ଭୂତ ଭଗାଇବା ପାଇଁ ଘରେ ଘରେ ଧୂପ ଦିଅନ୍ତି । ଏହି ଧୂପର ଧୂଆଁ ଯେଉଁଠି ଯାଏ, ସେଠି ଭୂତ ପଳାଇଯାଏ ବୋଲି ବିଶ୍ୱାସ ରହିଛି । ଏହି ଦିନ ଗାଁର ଲୋକେ ଘରର ଦୁଆର ଓ ଚାଳରେ ଲୁଣ ଓ ଲଙ୍କା ଗୁଣ୍ଡ ଛିଞ୍ଚନ୍ତି । ଏହା ଛଡ଼ା ଭୂତ ଭଗାଇବା ପାଇଁ ଆଉ ଅନେକ ପ୍ରକାର ଉପାୟ ଅବଲମ୍ବନ କରାଯାଏ । ଏହି ଉତ୍ସବ ଦିନ ଗାଁର ଯୁବକମାନେ ଭୂତ ସାଜି ଗାଁ ବୁଲନ୍ତି । ଏହି ଦିନ ଗାଁର ଲୋକେ ଭୂତ ଭୟରେ ଘରୁ ବାହାରନ୍ତି ନାହିଁ । ଏହି ଦିନ ଗାଁର ଯୁବକମାନେ ଭୂତ ସାଜି ଗାଁ ବୁଲନ୍ତି ।

ଗାଁର ଜଣେ ବୟସ୍କ ବ୍ୟକ୍ତି ଭୂତ ସାଜିବା ପାଇଁ ଯୁବକମାନଙ୍କୁ ଶିକ୍ଷା ଦିଅନ୍ତି । ଭୂତ ସାଜିବା ପାଇଁ ଯୁବକମାନେ ଗୋଟାଏ ଲମ୍ବା ଚାଦର ଓଢ଼ି ଗାଁ ବୁଲନ୍ତି । ଏହି ଦିନ ଗାଁର ଲୋକେ ଘରର ଦୁଆର ଓ ଚାଳରେ ଲୁଣ ଓ ଲଙ୍କା ଗୁଣ୍ଡ ଛିଞ୍ଚନ୍ତି । ଏହି ଦିନ ଗାଁର ଲୋକ

ଆଞ୍ଚଳିକ ସମୁନ

ମଙ୍ଗଳବାର, ୧୭ ନଭେମ୍ବର ୨୦୨୬, ଭୁବନେଶ୍ୱର Tuesday,17 November 2026, Bhubaneswar



୧୩୩୬ ଡ୍ରୋନରେ ରୁଷ୍ ଉପରେ ୟୁକ୍ରେନର ଆକ୍ରମଣ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ରୁଷ୍‌ର ବଡ଼ ଆକ୍ରମଣ ପରେ ୟୁକ୍ରେନ ମସ୍କ ଉପରେ ପାଲଟା ଆକ୍ରମଣ କରିଛି। ୟୁକ୍ରେନ ୧୩୩୬ ଡ୍ରୋନ ସାହାଯ୍ୟରେ ରାଜଧାନୀ ମସ୍କ ସମେତ ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରିଥିବା ରୁଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଏହି ଆକ୍ରମଣରେ ରୁଷ୍ ଅଧିକୃତ କ୍ରିମିଆ ଉପଦ୍ୱୀପକୁ ସଂଯୋଗ କରୁଥିବା ପ୍ରମୁଖ ସେତୁ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ରୁଷ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ନଭେମ୍ବର ୧୬ ତାରିଖ ରାତିରେ ୟୁକ୍ରେନ ଏହି ଆକ୍ରମଣ କରିଥିଲା।

ଚଳିତ ବର୍ଷରେ ଏହା ଦ୍ୱିତୀୟ ସର୍ବାଧିକ ଦୈନିକ ଡ୍ରୋନ ଆକ୍ରମଣ ବୋଲି କୁହାଯାଇଛି। କ୍ରିମିଆର ରୁଷ୍ ନିଯୁକ୍ତ ଗଭର୍ଣ୍ଣର ସେର୍ଗେଇ ଆକ୍ସିଓନୋଭ୍ ଟେଲିଗ୍ରାମ୍‌ରେ ଆକ୍ରମଣ ସମ୍ପର୍କରେ ସୂଚନା ଦେଇଛନ୍ତି। ସେତୁ ଉପରେ ଗାଡ଼ି ଚଳାଚଳକୁ ଅପରାହ୍ନ ପର୍ଯ୍ୟନ୍ତ ସୀମିତ ରଖାଯାଇଥିବା ସେ କହିଛନ୍ତି। ତେବେ ସେତୁର କ୍ଷୟକ୍ଷତି ସାମାନ୍ୟ ଥିବା ଜଣାପଡ଼ିଛି। ଏହି ଆକ୍ରମଣରେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ଅନ୍ୟପକ୍ଷରେ ମସ୍କ ମେୟର ସେର୍ଗେଇ ସୋବିୟାନିନ୍‌ଙ୍କ କହିବା ଅନୁସାରେ, ରାଜଧାନୀ ଆଡ଼କୁ ଆସୁଥିବା ପ୍ରାୟ ୬୦୦ ଡ୍ରୋନ୍‌କୁ ରୋକାଯାଇଛି।

ଏହାର କିଛି ଘଣ୍ଟା ପୂର୍ବରୁ ୟୁକ୍ରେନ୍ ମସ୍କର କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣର ପ୍ରତିଶୋଧ ଭାବେ ଏହି ସଦ୍ୟତମ ଆକ୍ରମଣ କରାଯାଇଛି। ରୁଷ୍ ଆକ୍ରମଣରେ ୟୁକ୍ରେନର ଶହ ଶହ ନାଗରିକଙ୍କ ମୃତ୍ୟୁ ହୋଇଥିବାବେଳେ



ରୁଷ୍‌ର ଏକ ବଡ଼ ପେଟ୍ରୋକେମିକାଲ୍ କାରଖାନା, ତୈଳ ବିଶୋଧନାଗାର ଓ ସାମରିକ ଉତ୍ପାଦନ କେନ୍ଦ୍ର ଉପରେ ମଧ୍ୟ ଆକ୍ରମଣ କରିଥିଲା। କିବ୍ କହିଛି ଯେ, ବାରମ୍ବାର ଏହାର ଶକ୍ତିକେନ୍ଦ୍ରଉପରେ ଆକ୍ରମଣ ଯୋଗୁ ଅନେକ ସମୟରେ ଲୋକମାନଙ୍କୁ ବିଦ୍ୟୁତ ସରବରାହ ବିନା ଅନ୍ଧକାରରେ ବିତାଇବାକୁ ପଡୁଛି ବୋଲି କୁହାଯାଇଛି।

ଫିଲିପାଇନ୍ସରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିବସୀୟ ଫିଲିପାଇନ୍ସ ଗସ୍ତରେ ଯାଇ ସୋମବାର ରାଜଧାନୀ ମାନିଲାରେ ପହଞ୍ଚିଛନ୍ତି। ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାର୍କସ୍ ଜୁନିଅରଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ଫିଲିପାଇନ୍ସ ଗସ୍ତ କରିଛନ୍ତି। ମଙ୍ଗଳବାର ଉଭୟ ଶିଖର ସମ୍ମିଳନୀରେ ଯୋଗଦେବେ।ମାନିଲା ବିମାନବନ୍ଦରରେ ତାଙ୍କୁ ଜୋରଦାର୍ ସ୍ୱାଗତ କରାଯାଇଥିଲା। ବିଦେଶ ମନ୍ତ୍ରଣାଳୟ (ଏମ୍ଇଏ) କହିଛି ଯେ, ମୋଦୀ ମାନିଲାରେ ପହଞ୍ଚିବା ମାତ୍ରେ ଫିଲିପାଇନ୍ସର ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ରବର୍ଟ ମୋଣ୍ଟେସ୍ ଡି କ୍ରୁରୋ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ସେ ୨୩ତମ ଆସିଆନ୍-ଭାରତ ଶିଖର ସମ୍ମିଳନୀ ଓ ୨୧ତମ ଏସିଆ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ମୋଦୀ ୧୭ ନଭେମ୍ବରରେ ଏହି ସମ୍ମିଳନୀରେ ସାମିଲ ହେବେ। ଆସିଆନ୍ ସମ୍ମିଳନୀ ଭାରତର 'ଆକ୍ଟ ଇଷ୍ଟ' ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଦକ୍ଷିଣ-ପୂର୍ବ ଏସୀୟ ଦେଶ ସହିତ ଭାରତର ସମ୍ପର୍କ ସୁଦୃଢ଼ କରିବା ଉପରେ କେନ୍ଦ୍ରିତ।

ଏସ୍‌ଆଇଆରକୁ ନେଇ ସୁପ୍ରିମକୋର୍ଟରେ ରାହୁଲ ଗାନ୍ଧୀଙ୍କ ୪୮ ପ୍ରଶ୍ନ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): SIRକୁ ନେଇ ନିର୍ବାଚନ କମିଶନଙ୍କୁ ଘେରିଲେ ବିରୋଧୀ । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ମେଣ୍ଟର ଅନ୍ୟ ନେତାମାନେ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି । ଏଥିରେ SIR ପ୍ରକ୍ରିୟା ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ୪୮ଟି ପ୍ରଶ୍ନ ପଚାରିବା ସହ ସେସବୁର ଉତ୍ତର ସତ୍ୟପାଠ ଜରିଆରେ ଦେବାକୁ ଦାବି କରାଯାଇଛି ।ସାରା ଦେଶରେ SIR ଲାଗୁ କରିବା ନିଷ୍ପତ୍ତି କିଏ ନେଇଥିଲା ? ଏହି ପ୍ରକ୍ରିୟା ଆରମ୍ଭ ପାଇଁ ନିର୍ବାଚନ କମିଶନ କେବେ ନିଷ୍ପତ୍ତି ନେଇଥିଲେ । ଏ ସମ୍ପର୍କିତ ଫାଇଲ୍ ଓ ତାରିଖ କ'ଣ ? ଏହା ସହ ଫର୍ମ-୬ରେ ପରିବର୍ତ୍ତନ କରିବା ନିଷ୍ପତ୍ତି କିଏ ନେଇଥିଲା । ଏଭଳି ଅନେକ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ନେତା ।ନିର୍ବାଚନ କମିଶନଙ୍କ ମୁଖ୍ୟ ନିର୍ବାଚନ ଆୟୁକ୍ତ (CEC) ଏବଂ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ୨୬ ଅକ୍ଟୋବରରେ ଦାଖଲ କରିଥିବା ଜବାବୀ ସତ୍ୟପାଠକୁ କେବେ ଓ କିପରି ଅନୁମୋଦନ କରିଥିଲେ, ସେ ନେଇ ମଧ୍ୟ



।ସେହିପରି ନିର୍ବାଚନ ଆୟୁକ୍ତ ବିବେକ ଯୋଶୀ ଓ ଏସ୍‌ଏସ୍ ସନ୍ଧୁ କେତେଥର ଲିଖିତ ଆପତ୍ତି ଉଠାଇଥିଲେ । SIR ସମ୍ପର୍କିତ କୌଣସି ନିଷ୍ପତ୍ତି ବହୁମତରେ ନିଆଯାଇଥିଲା କି ଯଦି ହଁ, ତେବେ କିଏ ଏଥିରେ ଅସହମତି ପ୍ରକାଶ କରିଥିଲେ । ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ଦାବି କରାଯାଇଛି । ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ୨୪ ଜୁନ୍ ୨୦୨୫ ପରଠାରୁ କୌଣସି ଘରୋଇ ଭେଣ୍ଡର କିମ୍ବା ଠିକାଦାରଙ୍କ କର୍ମଚାରୀଙ୍କୁ ଭୋଟର ତାଲିକା ଡାଟାବେସ୍‌ରେ ପରିବର୍ତ୍ତନ କରିବାର ଅନୁମତି ମିଳିଥିଲା କି । ଏହି ପ୍ରସଙ୍ଗରେ ମଧ୍ୟ ସ୍ୱଷ୍ଟୀକରଣ ଲୋଡ଼ିଛନ୍ତି ଇଣ୍ଡିଆ ମେଣ୍ଟର ନେତା ।ରାହୁଲ ଗାନ୍ଧୀ ଓ ଅନ୍ୟ ବିରୋଧୀ ନେତାମାନେ ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ୫୦ଜ ପ୍ରକ୍ରିୟାର ଅନୁମୋଦନ, ଭୋଟର ତାଲିକାରୁ ନାଁ ବାଦ୍ ପଡ଼ିବା ଏବଂ ଅନଲାଇନ୍ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପର୍କରେ ଉପନିର୍ବାଚନ କମିଶନରଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତ୍ୟପାଠ ଜରିଆରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଉ ।ସୋସିଆଲ୍ ମିଡିଆ 'ଏକ୍'ରେ ୪୮ଟି ପ୍ରଶ୍ନର ତାଲିକା ସେୟାର କରି କଂଗ୍ରେସ କହିଛି, ଭୋଟ୍ ଚୋରି ନେଇ ଲଗାତାର ଉଠୁଥିବା ପ୍ରଶ୍ନର ନିର୍ବାଚନ କମିଶନ ସୁପ୍ରିମକୋର୍ଟରେ ଦାଖଲ ସତ୍ୟପାଠରେ ଉତ୍ତର ଦେଇନାହାନ୍ତି। ତେଣୁ CEC, ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ଏବଂ IT ମହାନିର୍ଦ୍ଦେଶକଙ୍କୁ ପ୍ରଶ୍ନ ପଚାରିବାକୁ ଅନୁମତି ମାଗିଛି ଇଣ୍ଡିଆ ମେଣ୍ଟ। ତେବେ ଏହି ସମସ୍ତ ପ୍ରଶ୍ନର ଜବାବ ଦେବାକୁ ସୁପ୍ରିମକୋର୍ଟ କ'ଣ ନିର୍ଦ୍ଦେଶ ଦେଉଛନ୍ତି, ତାହା ଉପରେ ନଜର ରହିଛି ।

ଦୁଇ ଆମେରିକୀୟ ଅଧିକାରୀଙ୍କୁ ଚେତାବନୀ ଦେଲା ଇରାନ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ଇରାନ ଦୁଇ ଜଣ ଆମେରିକୀୟ ନୌସେନା ଅଧିକାରୀଙ୍କୁ ଚେତାବନୀ ଦେଇଛି। ଦକ୍ଷିଣ ଆଫ୍ରିକାରେ ଥିବା ଇରାନୀ ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ବିବୃତି ଜାରି କରି ଫେବ୍ରୁଆରି ସଂଘର୍ଷ ସମୟରେ ମିନାବ୍ ସ୍କୁଲ୍ ଉପରେ ହୋଇଥିବା ଆକ୍ରମଣରେ ଦୁଇ ଅଧିକାରୀ ସମ୍ପୃକ୍ତ ଥିବା ଅଭିଯୋଗ କରିଛି। ଏହି ଆକ୍ରମଣରେ ୧୬୮ ଜଣ ପିଲାଙ୍କର ମୃତ୍ୟୁ ଘଟିଥିଲା।ଇରାନ ସ୍ପଷ୍ଟ ଭାବରେ କହିଛି, ଆମେ ଏହି ଦୁଇଜଣଙ୍କୁ ଖୋଜି ବାହାର କରିବୁ। ଦୂତାବାସ ଏକ ଆଠ ମାସ ପୁରୁଣା ପୋଷ୍ଟକୁ ମଧ୍ୟ ପୁଣି ଥରେ ସେୟାର କରିଛି ଯେଉଁଥିରେ ଆମେରିକୀୟ ଅଧିକାରୀମାନଙ୍କୁ ଅପରାଧୀ ଭାବରେ ବର୍ଣ୍ଣନା କରାଯାଇଥିଲା। ଦୂତାବାସ ଚାରିଟି ଶବ୍ଦରେ ଲେଖିଛି, ଆମେ ତୁମକୁ ଖୋଜି ବାହାର କରିବୁ। ଦୂତାବାସ ଏହି ଅଧିକାରୀମାନଙ୍କୁ ୟୁଏସଏସ ସ୍ପ୍ରୁଆନ୍ସ କମାଣ୍ଡିଂ ଅଫିସର କମାଣ୍ଡର ଲି ଆର. ଟେଟ୍ ଏବଂ ସେହି ଯୁଦ୍ଧଜାହାଜର କାର୍ଯ୍ୟନିର୍ବାହୀ ଅଧିକାରୀ ଲେଫ୍ଟନାଣ୍ଟ କମାଣ୍ଡର ଜେଫ୍ରି ଇ. ୟର୍କ ଭାବରେ ଚିହ୍ନଟ କରିଛି।୨୯ ମାର୍ଚ୍ଚ ତାରିଖରେ ଲେଖାଯାଇଥିବା ଏହି ପୋଷ୍ଟରେ ଲେଖାଥିଲା, ଏହି ଦୁଇ ଅପରାଧୀଙ୍କୁ ମନେ ରଖ। ଏହି ଦୁଇ ଅଧିକାରୀ ତିନୋଟି ଟୋମାହକ୍ କ୍ଷେପଣାସ୍ତ୍ର ମାଡ଼ କରିବାର ନିର୍ଦ୍ଦେଶ ଦେଇଥିଲେ। ଏହି କ୍ଷେପଣାସ୍ତ୍ର ଦ୍ୱାରା ମିନାବର ଶାଜାରେ ତେବେ ସ୍କୁଲ ଉପରେ ଆକ୍ରମଣ କରାଯାଇଥିଲା।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହେରାନକୁ ଆମେରିକୀୟ ଅଧିକାରୀମାନଙ୍କ ଉପରେ ଆକ୍ରମଣ ନକରିବାକୁ ଚେତାବନୀ ଦେବାର ଗୋଟିଏ ଦିନ ପରେ ଏହି ଧମକ ଦିଆଯାଇଛି। ଏକ ସାମ୍ପ୍ରତିକ ସାକ୍ଷାତକାର ସମୟରେ ଟ୍ରମ୍ପ ଇରାନକୁ ଚେତାବନୀ ଦେଇ କହିଥିଲେ ଯେ, ଯଦି ଜଣେ ବି ବରିଷ୍ଠ ଆମେରିକୀୟ ଅଧିକାରୀଙ୍କୁ ହତ୍ୟା କରାଯିବ ତେବେ ଇରାନର ଅସ୍ତିତ୍ୱ ଶେଷ ହୋଇଯିବ।

ଜମ୍ମୁ-କାଶ୍ମୀର ଏବଂ ହରିୟାଣାର ମାମଲା

ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ୧୦ ନଭେମ୍ବର ୨୦୨୫ ଲାଲକିଲ୍ଲା ବିସ୍ଫୋରଣ ସହିତ ଜଡିତ ବଡ଼ ଷଡ଼ଯନ୍ତ୍ରର ତଦନ୍ତ ପାଇଁ ଜାତୀୟ ତଦନ୍ତ ସଂସ୍ଥାର ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିଛନ୍ତି। ଜମ୍ମୁ-କାଶ୍ମୀର ଏବଂ ହରିୟାଣାରେ ପଞ୍ଜିକୃତ ଦୁଇଟି ମାମଲାକୁ ଦିଲ୍ଲୀର ଏକ ସ୍ୱତନ୍ତ୍ର ଏନଆଇଏ କୋର୍ଟକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତିନୋଟି ଏଫଆଇଆରକୁ ଏକାଠି କରି ଏକତ୍ର ଶୁଣାଣି କରିବାକୁ ମଧ୍ୟ ଅନୁମତି ଦେଇଛନ୍ତି। ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିଚାରପତି ଶ୍ରୀ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।ଜମ୍ମୁ-କାଶ୍ମୀର ଏବଂ ହରିୟାଣାରେ ପଞ୍ଜିକୃତ ମାମଲାଗୁଡ଼ିକୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ଥିବା ଏନଆଇଏର ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର କରିବାକୁ ଏନଆଇଏ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା। ଏଜେନ୍ସି ଚାହୁଁଥିଲା ଯେ, ତିନୋଟି ଏଫଆଇଆରର ଶୁଣାଣି କୋର୍ଟରେ ଏକତ୍ର କରାଯାଉ। କାରଣ ଏନଆଇଏ ଯୁକ୍ତି ଦେଇଥିଲା ଯେ, ଏହି ମାମଲାଗୁଡ଼ିକ ଲାଲକିଲ୍ଲା ବିସ୍ଫୋରଣ ପଛରେ ଥିବା ଷଡ଼ଯନ୍ତ୍ର ଏବଂ ଡାକ୍ତର ମଡ୍ୟୁଲ୍ ସହିତ ଜଡିତ।୧୦ ନଭେମ୍ବର ୨୦୨୫ରେ ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୩ ନିକଟରେ ଏକ



ହୁଣ୍ଡାଇ କାରରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ। ତଦନ୍ତରେ ଡ୍ରାଇଭରଙ୍କୁ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଡକ୍ଟର ଉମର ନବି ବୋଲି ଚିହ୍ନଟ କରାଯାଇଥିଲା। ଏହା ପରେ ଏନଆଇଏ ତଦନ୍ତ ଦାୟିତ୍ୱ ନେଇଥିଲା।ତଦନ୍ତକାରୀ ସଂସ୍ଥା ଅଭିଯୋଗ କରିଥିଲେ ଯେ, ବିସ୍ଫୋରଣ ପଛରେ ଶିକ୍ଷିତ ବୃତ୍ତିଗତଙ୍କର ଏକ କଥିତ ହ୍ୱାଇଟ୍ କୋଲାର ଆତଙ୍କୀ ନେଟୱାର୍କ ଅଛି। ଏହି ମାମଲା ସହିତ ଜଡିତ ଜମ୍ମୁ ଏବଂ କାଶ୍ମୀର ପୁଲିସର ରାଜ୍ୟ ତଦନ୍ତ ସଂସ୍ଥା(ଏସଆଇଏ) ଚାରି ଜଣ ଡାକ୍ତରଙ୍କ ସମେତ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ହରିୟାଣାରେ ମଧ୍ୟ ଗିରଫଦାରୀ କରାଯାଇଥିଲା। ଏନଆଇଏ ଯୁକ୍ତି ଦେଇଥିଲା, ଜମ୍ମୁ ଏବଂ କାଶ୍ମୀର, ହରିୟାଣା ଏବଂ ଦିଲ୍ଲୀରେ ପଞ୍ଜିକୃତ ମାମଲାଗୁଡ଼ିକ ପରସ୍ପର ସହିତ ଜଡିତ ଏବଂ ପୃଥକ ପୃଥକ କୋର୍ଟରେ ସେଗୁଡ଼ିକର ଶୁଣାଣି ତଦନ୍ତ ଏବଂ ମାମଲା ରୁଜୁ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିପାରେ। ଏହାକୁ ଆଧାର କରି ଏଜେନ୍ସି ମାମଲାଗୁଡ଼ିକୁ ଦିଲ୍ଲୀ ସ୍ଥାନାନ୍ତର କରିବା ଏବଂ ତିନୋଟି ଏଫଆଇଆରକୁ ଏକତ୍ର କରିବାକୁ ଚାହୁଁଥିଲା।

ପାଇକାରୀ ମୁଦ୍ରାସ୍ଫୀତି ୧୨.୨୯%କୁ ବୃଦ୍ଧି

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପରେ ଏବେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ଉପରମୁହାଁ ହୋଇଛି। ସେପ୍ଟେମ୍ବରରେ ଏହା ୧୧.୩୯% ଥିବାବେଳେ ଅକ୍ଟୋବରରେ ୧୨.୨୯%କୁ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଇନ୍ଧନ ଓ ବିଦ୍ୟୁତ୍ ଦର ବୃଦ୍ଧି। ସେପ୍ଟେମ୍ବରରେ ଇନ୍ଧନ ଓ ବିଦ୍ୟୁତ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ୨୫.୮୫% ଥିବାବେଳେ ଅକ୍ଟୋବରରେ ଏହା ୩୨.୮୪%କୁ ବୃଦ୍ଧି ପାଇଛି। ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ମୁଦ୍ରାସ୍ଫୀତି ୫୭.୩୨%ରୁ ବୃଦ୍ଧି ପାଇ ୭୦.୮୦% ହୋଇଛି। ସେହିପରି ବିଦ୍ୟୁତ୍ ଦରରେ ବାର୍ଷିକ ମୁଦ୍ରାସ୍ଫୀତି ସେପ୍ଟେମ୍ବରରେ ଖଣି ୦.୪୩% ଥିବାବେଳେ ଅକ୍ଟୋବରରେ ୮.୦୬% ହୋଇଛି। ଅନ୍ୟପକ୍ଷରେ ପ୍ରାଥମିକ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ୮.୬୭%ରୁ ବୃଦ୍ଧି ପାଇ ୯.୨୪% ହୋଇଛି। ଏଥିରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୮.୧୪%ରୁ ୮.୨୬%କୁ ବଢ଼ିଛି। ତେବେ ଉତ୍ପାଦିତ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ସାମାନ୍ୟ କମିଛି। ସେପ୍ଟେମ୍ବରରେ ଏହା ୯.୬୬% ଥିବାବେଳେ ଅକ୍ଟୋବରରେ ୯.୫୪% ରହିଛି।



ତାମିଲନାଡୁ ସରକାରଙ୍କ ବଡ଼ ନିଷ୍ପତ୍ତି

୯୨,୦୦୦ରୁ ଅଧିକ ଚାଷୀ ଏବଂ ଶିକ୍ଷକଙ୍କ ବିରୋଧରେ ୬୦୦ ମାମଲା ପ୍ରତ୍ୟାହାର

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ତାମିଲନାଡୁ ସରକାର ମେ' ୨୦୨୧ ରୁ ଏପ୍ରିଲ ୨୦୨୬ ମଧ୍ୟରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିବା ୯୨,୦୦୦ ରୁ ଅଧିକ ଚାଷୀ ଏବଂ ଶିକ୍ଷକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ସେମାନଙ୍କ ବିରୋଧରେ ଦାୟର ହୋଇଥିବା ୬୦୦ ମାମଲା ପ୍ରତ୍ୟାହାର କରିବାକୁ ସରକାର ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରିଛନ୍ତି। ଗୃହ, ନିଷେଧ ଏବଂ ଅବକାରୀ ବିଭାଗ ଦ୍ୱାରା ଜାରି ଏକ ସରକାରୀ ବିବୃତିରେ ଏହି ସୂଚନା ଦିଆଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ବିଧାନସଭାରେ କରିଥିବା ଘୋଷଣା ପରେ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ୨ ସେପ୍ଟେମ୍ବର ୨୦୨୬ରେ ବିଧାନସଭାରେ ନିୟମ ୧୧୦ ଅନୁଯାୟୀ ଏହି ଘୋଷଣା କରିଥିଲେ। ସେ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ପୂର୍ବ ସରକାରମାନଙ୍କ ସମୟରେ ଦାବି ପାଇଁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିବା ଚାଷୀ ଏବଂ ଶିକ୍ଷକମାନଙ୍କ ବିରୋଧରେ ଦାୟର ମାମଲା ପ୍ରତ୍ୟାହାର କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ, ଅଧିକାରୀମାନେ ମେ' ୨୦୨୧ ରୁ ଏପ୍ରିଲ ୨୦୨୬ ମଧ୍ୟରେ ଦାଖଲ ହୋଇଥିବା ୬୦୦ ମାମଲାଗୁଡ଼ିକୁ ଚିହ୍ନଟ କରିଥିଲେ। ପରବର୍ତ୍ତୀ ସମୟରେ, ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟା ଏବଂ ବୈଧାନିକ ବ୍ୟବସ୍ଥା ଅନୁଯାୟୀ ଏହି ମାମଲାଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଆଇନଗତ ସମୀକ୍ଷା ସମାପ୍ତ ହେବା ପରେ ଏବେ ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

ନୋଏଲଙ୍କ ଆଭିମୁଖ୍ୟକୁ ଜିମି ଟାଟାଙ୍କ ବିରୋଧ, ଟାଟା ସନ୍ସ ଲିଷ୍ଟିଂକୁ ସମର୍ଥନ

ନୂଆଦିଲ୍ଲୀ,୧୬।୧୧(ଏଜେନ୍ସି): ଦେଶର ପ୍ରମୁଖ ଶିଳ୍ପ ସାମ୍ରାଜ୍ୟ ଟାଟାରେ ଏବେ ମତଭେଦ ତୀବ୍ର ହେବାରେ ଲାଗିଛି। ଟାଟା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ଆଭିମୁଖ୍ୟର ବିରୋଧ କରିଛନ୍ତି ସ୍ୱର୍ଗତ ରତନ ଟାଟାଙ୍କ ସାନ ଭାଇ ଜିମି ଏନ୍ ଟାଟା। ଟାଟା ଗ୍ରୁପ୍‌ର ମୂଳ କମ୍ପାନି ଟାଟା ସନ୍ସକୁ ସେୟାର ବଜାରରେ ଲିଷ୍ଟିଂ ସପକ୍ଷରେ ସେ ମତ ଦେଇଛନ୍ତି। ଏହାଦ୍ୱାରା କମ୍ପାନିର କାର୍ଯ୍ୟଧାରାରେ ସ୍ୱଚ୍ଛତା ଆସିବା ସହ ଉତ୍ତରଦାୟିତ୍ୱ ବଢ଼ିବ ଏବଂ ଗୁପ୍ତତାର ସଂସ୍କୃତି ଶେଷ ହେବ ବୋଲି ସେ କହିଛନ୍ତି। ଟାଟା ଟ୍ରଷ୍ଟର ଜଣେ ବରିଷ୍ଠ ଟ୍ରଷ୍ଟିଙ୍କ ସହ ଆଲୋଚନା ବେଳେ ଜିମି ନିଜର ମତ ରଖିଛନ୍ତି। ଟାଟା ସନ୍ସରେ ଟାଟା ଟ୍ରଷ୍ଟର ପ୍ରାୟ ୬୬ ପ୍ରତିଶତ ଅଂଶଧନ ରହିଛି। ଜିମିଙ୍କ ନିଜସ୍ୱ ଅଂଶଧନ ପ୍ରାୟ ୦.୮୧ ପ୍ରତିଶତ। ତାଙ୍କ ମତରେ, ଟାଟା ସନ୍ସର ଲିଷ୍ଟିଂ ହେଲେ କମ୍ପାନିର କାର୍ଯ୍ୟଧାରା ଉପରେ ଅଧିକ ନଜର ରଖାଯାଇପାରିବ ଏବଂ ନିୟମ ଅନୁଯାୟୀ ଉତ୍ତରଦାୟିତ୍ୱ ନିଶ୍ଚିତ ହେବ। ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବା ଉ



ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଓ ଉବର୍ ମଧ୍ୟରେ ସହଯୋଗିତା

ଭୁବନେଶ୍ୱର, ୧୬।୧୧ (ନି.ପ୍ର) : ଦେଶରେ ୩ଚକିଆ ଇଭି ଗ୍ରହଣୀୟତା ତ୍ୱରାନ୍ୱିତ କରିବା ସହ ଆସନ୍ତା ୧୨ ମାସରେ ୫୦୦୦ ମହିନ୍ଦ୍ରା ଇଲେକ୍ଟ୍ରିକ୍ ତିନିଚକିଆ ଯାନର ଗ୍ରହଣୀୟତାକୁ ସମର୍ଥନ କରିବା ପାଇଁ ଭାରତର ଅଗ୍ରଣୀ ଇଲେକ୍ଟ୍ରିକ୍ ବାଣିଜ୍ୟିକ ଯାନ ନିର୍ମାତା ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ପକ୍ଷରୁ ଉବର୍ ସହ ସହଯୋଗିତା ଘୋଷଣା କରାଯାଇଛି । ଏହି ବୁଝାମଣାପତ୍ର (ଏମ୍ଓୟୁ) ଅଧୀନରେ ଦୁଇ ସଂସ୍ଥା ଇଭି ଅଟୋ ଆଡଭାଟେଂଜ୍ କାର୍ଯ୍ୟକ୍ରମ ଅଧୀନରେ ଯୋଡ଼ି ହୋଇ ଫାଇନାନ୍ସ ଓ ଇଭି ଗ୍ରହଣୀୟତାରେ ଉନ୍ନତି ଆଣିବେ। ଏହା ଜରିଆରେ ଉବର୍ ପ୍ଲାଟଫର୍ମରେ ଥିବା ଡ୍ରାଇଭର୍‌ମାନେ ଇଲେକ୍ଟ୍ରିକ୍ ଗମନାଗମନ ଆଡ଼କୁ ପରିବର୍ତ୍ତିତ ହୋଇପାରିବେ। ଇଭି ଗ୍ରହଣୀୟତା ନିମ୍ନ ସ୍ତରରେ ଥିବା ବଜାର ଉପରେ ଏହି ସହଯୋଗିତା ଗୁରୁତ୍ୱ ଦେବ। ମୁମ୍ବାଇରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ



ଏହି ସହଯୋଗିତା ଘୋଷଣା କରାଯାଇଛି ଯେଉଁଠାରେ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟି ଓ ଉବର ପକ୍ଷରୁ ଭାରତୀୟ ସହରଗୁଡ଼ିକ ପାଇଁ ସ୍ଥାୟୀ ଓ ସହଜଲଭ୍ୟ ଗମନାଗମନକୁ ନେଇ ମିଳିତ ପ୍ରତିବଦ୍ଧତା ଘୋଷଣା କରାଯାଇଥିଲା। ଏହି ସହଯୋଗିତା ସମ୍ପର୍କରେ ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟିର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁମନ ମିଶ୍ର କହିଛନ୍ତି ଯେ, 'ସ୍ଥାୟୀ ଗମନାଗମନ ସେତେବେଳେ ସଫଳ ହେବ ଯେତେବେଳେ ତାହା ପ୍ରଥମେ ଡ୍ରାଇଭରମାନଙ୍କ ପାଇଁ ଠିକ୍ ଭାବେ କାମ କରିବ। ଡ୍ରାଇଭର ଓ ଉଦ୍ୟୋଗୀମାନଙ୍କ ପାଇଁ ଇଲେକ୍ଟ୍ରିକ୍ ଗମନା ଗମନକୁ ଏକ ଉତ୍ତମ ଅର୍ଥନୈତିକ ବିକଳ୍ପରେ ପରିଣତ କରି ଆମେ ଏଭଳି ପ୍ରଭାବ ସୃଷ୍ଟି କରୁଛୁ ଯାହା ସ୍ଥାୟୀ ଓ ବ୍ୟାପକ ମଧ୍ୟ। ଉବର ସହିତ ଏହି ସହଯୋଗିତାରେ ଆମେ ଏହି ପରିବର୍ତ୍ତନକୁ ଦେଶର ସେହି ଅଂଚଳଗୁଡ଼ିକରେ ବ୍ୟାପକ କରିବାକୁ ଚାହୁଁଛୁ ଯେଉଁଠାରେ ଇଭି ଗ୍ରହଣୀୟତା ନିମ୍ନ ସ୍ତରରେ ରହିଛି। ଉବର୍‌ର ମୋବିଲିଟି ମୁଖ୍ୟ ପ୍ରଦୀପ ପରମେଶ୍ୱରନ କହିଛନ୍ତି ଯେ, 'ଉବର୍ ପାଇଁ ଭାରତ ହେଉଛି ଗମନାଗମନ ନବସୃଜନର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଲୋକମାନେ କିଭଳି ଯାତାୟାତ କରୁଛନ୍ତି ଓ ନିଜ ଦୈନନ୍ଦିନ ଆବଶ୍ୟକତାକୁ ନେଇ ସମାଧାନ ସୃଷ୍ଟି କରୁଛନ୍ତି ତାହା ଉପରେ ସହରାଂଚଳର ଗମନାଗମନ ଭବିଷ୍ୟତ ନିର୍ଭର କରୁଛି ବୋଲି ଆମର ବିଶ୍ୱାସ ରହିଛି। ଇଲେକ୍ଟ୍ରିକ୍ ଗମନାଗମନ କେବଳ ଉଚିତ୍ କାର୍ଯ୍ୟ ନୁହେଁ, ଏହା ଆମ ବ୍ୟବସାୟ, ଆମ ବ୍ୟବହାରକାରୀ ଓ ଆମ ବ୍ୟାପକ ସମୁଦାୟ ପାଇଁ ପ୍ରତ୍ୟକ୍ଷ ଓ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରୁଛି। ଇଲେକ୍ଟ୍ରିକ୍ ଗମନାଗମନ ଓ କନେକ୍ଟେଡ୍ ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ ମହିନ୍ଦ୍ରା ସହିତ ଆମ ସହଯୋଗିତା ସେହି ଭାବନାକୁ ପ୍ରତିଫଳିତ କରୁଛି। ଆଗକୁ ଏଭଳି ଏକ ଗମନାଗମନ ବ୍ୟବସ୍ଥା ଗଠନ କରିବାର ସୁଯୋଗ ରହିଛି ଯେଉଁଠାରେ ସାର୍ବଜନୀନ ପରିବହନ ଓ ମିଳିତ ଗମନାଗମନ ମିଳିତ ଭାବେ କାମ କରି ସହରଗୁଡ଼ିକୁ ଅଧିକ ସହଜଲଭ୍ୟ, ପ୍ରଭାବୀ ଓ ସ୍ଥାୟୀ କରିବ। ମହିନ୍ଦ୍ରା ଲାଷ୍ଟ ମାଇଲ୍ ମୋବିଲିଟିର ସଡ଼କରେ ୪ ଲକ୍ଷରୁ ଅଧିକ ବାଣିଜ୍ୟିକ ଯାନ ରହିଛି। ଉଭୟ ଯାତ୍ରୀବାହୀ ଓ ମାଲବାହୀ ବାଣିଜ୍ୟିକ ଇଭି କ୍ଷେତ୍ରରେ କମ୍ପାନିର ଦୃଢ଼ ଉପସ୍ଥିତି ରହିଛି। ବାଣିଜ୍ୟିକ ଯାନର ଦୃଢ଼ ପୋର୍ଟଫୋଲିଓକୁ ନେଇ କମ୍ପାନି ଦୂରଦୂରାନ୍ତ ବିଦ୍ୟୁତକରଣକୁ ଆଗକୁ ବଢ଼ାଉଥିବା ବେଳେ ଜୀବନଜୀବିକା ସୁଯୋଗ ସୃଷ୍ଟି କରୁଛି। କମ୍ପାନି ସମ୍ମାନଜନକ ଆର୍ଥସଟ ପ୍ରାଇଜ୍ ୨୦୨୬ର 'କ୍ଲିନ ଏୟାର ଏୟାର' ବର୍ଗ ପାଇଁ ଫାଇନାଲିଷ୍ଟ ଭାବେ ମନୋନିତ ହୋଇଛି। ଏହାର ବିଜେତାକୁ ମୁମ୍ବାଇରେ ୨୦୨୭ ନଭେମ୍ବର ୧୭ରେ ଘୋଷଣା କରାଯିବ।

ୟଙ୍ଗ ଇଣ୍ଡିଆନ୍ସ ଭୁବନେଶ୍ୱର ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ପାଇଁ ଟିଡ଼ ଆୟୋଜିତ

ଭୁବନେଶ୍ୱର, ୧୬।୧୧ (ନି.ପ୍ର) : ୟଙ୍ଗ ଇଣ୍ଡିଆନ୍ସ ଭୁବନେଶ୍ୱର ଶାଖା ପକ୍ଷରୁ ଭୁବନେଶ୍ୱରର ହାତିଆସୁଣୀ ପଡ଼ିଆଠାରେ ଗତ ଶନିବାର 'ୱାଇ ରନ୍ – ମାନସିକ ସ୍ୱାସ୍ଥ୍ୟ ପାଇଁ ଟିଡ଼ – ପ୍ରତିଟି ପାଦ ଗୁରୁତ୍ୱପୂର୍ଣ୍ଣ' କାର୍ଯ୍ୟକ୍ରମର ସଫଳ ଆୟୋଜନ ହୋଇଯାଇଛି । ମାନସିକ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି, ଏ ସମ୍ପର୍କରେ ଖୋଲାଖୋଲି ଆଲୋଚନାକୁ ପ୍ରୋତ୍ସାହିତ କରିବା ସହ ମାନସିକ ସ୍ୱାସ୍ଥ୍ୟକୁ ନେଇ ରହିଥିବା ସାମାଜିକ ସଂକୀର୍ଣ୍ଣତାକୁ ଦୂର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅଭିଯାନରେ ପ୍ରାୟ ୪୫୦ ଊର୍ଦ୍ଧ୍ୱ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏଥିରେ ପିଲାମାନେ, ବରିଷ୍ଠ ନାଗରିକମାନେ, ୱାଇଆଇ ଏବଂ ଯୁବା ସଦସ୍ୟମାନେ, ଦିବ୍ୟାଙ୍ଗ ବ୍ୟକ୍ତିମାନେ ଏବଂ ବିଭିନ୍ନ ବର୍ଗର ସାଧାରଣ ନାଗରିକମାନେ



ଏକାଠି ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମାନ୍ୟବର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟିଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରି, ଏହି ମହତ୍ ଉଦ୍ଦେଶ୍ୟକୁ ନିଜର ସମର୍ଥନ ଜଣାଇଥିଲେ । ପ୍ରସିଦ୍ଧ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଅମୃତ ପାଟ୍ଟଜୋଶୀ, ଓଲିଉଡ଼ ଅଭିନେତା ସୁଜିତ ପାଇକରାୟ ଏବଂ ଅଭିଷେକ ପଣ୍ଡା ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଥିବା ବେଳେ, 'ୱାର ଏକ୍ସ କମ୍ୟୁନିଟି' ଏହି କାର୍ଯ୍ୟକ୍ରମକୁ ଆହୁରି ଉତ୍ସାହଜନକ କରିଥିଲା । ଏହି ଅବସରରେ ମତବ୍ୟକ୍ତ କରି ୱାଇଆଇ ଭୁବନେଶ୍ୱରର ଅଧକ୍ଷ ଗୌରବ ଗୋଏଲ କହିଛନ୍ତି, "ଏହି ୱାଇଆଇ ରନ୍ ମାଧ୍ୟମରେ ଆମେ ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ପରି ସମାନ ଗୁରୁତ୍ୱ ଏବଂ ପ୍ରାଥମିକତା ପାଇବା ଉଚିତ ବୋଲି ବାର୍ତ୍ତା ଦେଇଥିଲୁ।

ରାୟଗଡ଼ରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ରାୟଗଡ଼, ୧୬।୧୧ (ନି.ପ୍ର): ରାୟଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଜି ଜିଲ୍ଲା ପରିଷଦ ସଂଗ୍ରିଳନୀ କକ୍ଷଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ "ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧତା" ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ରନାଥ କହଁର ଅଧକ୍ଷତା କରିଥିବାବେଳେ, ସମ୍ମାନିତ ଅତିଥି ଭାବେ ଏସ୍?ଡିସିର ଉପାଧକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିଆକା ଏବଂ ପଞ୍ଚାୟତ ସମିତି ଅଧକ୍ଷା ସୁଶ୍ରୀ ଚୁନି ହୁଇକା ଯୋଗଦେଇଥିଲେ । ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣାର ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ, ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସରସ୍ୱତୀ ରାୟ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ବିନୋଦ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ବହୁ ସାମ୍ବାଦିକ, ବୁଦ୍ଧିଜୀବୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଦେବରାଜ ଟାକ୍ରି ସ୍ୱାଗତ ଭାଷଣ ପ୍ରଦାନ କରି ମଞ୍ଚାସୀନ ଅତିଥି, ସାମ୍ବାଦିକ ଓ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱ ଓ ସମାଜ ଗଠନରେ ସାମ୍ବାଦିକମାନଙ୍କ ଅବଦାନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ଉମେଶ ଚନ୍ଦ୍ର ଶତପଥୀ ନିଜ ବକ୍ତବ୍ୟରେ ଚଳିତ ବର୍ଷର ବିଷୟବସ୍ତୁ ଉପରେ ଆଲୋକପାତ କରି କହିଥିଲେ ଯେ, ବର୍ତ୍ତମାନର ଡିଜିଟାଲ ଯୁଗରେ ଖବର ଲୋକପ୍ରିୟତା ଓ ଦ୍ରୁତ ପ୍ରସାର ଅପେକ୍ଷା ତାହାର ସତ୍ୟତା, ବିଶ୍ୱସନୀୟତା ଓ ସାମାଜିକ ଦାୟିତ୍ୱ ଅଧିକ ଗୁରୁତ୍ୱ ବହନ କରେ। ଖବର ପ୍ରସାରଣରେ ପ୍ରତିଯୋଗିତା ମଧ୍ୟରେ ନିରପେକ୍ଷତା, ତଥ୍ୟର ଯାଞ୍ଚ ଓ ନୈତିକ ମୂଲ୍ୟବୋଧକୁ ଅଗ୍ରାଧିକାର ଦେବା ଆଜିର ସାମ୍ବାଦିକତା ପାଇଁ ଏକ ବଡ଼ ଆହ୍ୱାନ ବୋଲି ସେ ମତବ୍ୟକ୍ତ କରିଥିଲେ।

ଅଧକ୍ଷ ଏବଂ ସମସ୍ତ ଅତିଥିବୃନ୍ଦ ସାମ୍ବାଦିକତାକୁ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବେ ଅଭିହିତ କରିଥିଲେ। ସମାଜର ବିଭିନ୍ନ ସମସ୍ୟା, ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ତଥା ସରକାରୀ ଯୋଜନାର ସଫଳ ରୂପାୟନକୁ



ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ବିଶେଷକରି ଖବରର ଲୋକପ୍ରିୟତା ଓ ପ୍ରସାର ଅପେକ୍ଷା ତାହାର ସତ୍ୟତା, ନିରପେକ୍ଷତା ଓ ବିଶ୍ୱସନୀୟତାକୁ ଅଧିକ ପ୍ରାଧାନ୍ୟ ଦେବା ସହ ସାମ୍ବାଦିକମାନେ ନିଜର ବୃତ୍ତିଗତ ନୈତିକତା ଓ କର୍ତ୍ତବ୍ୟବୋଧକୁ ସର୍ବଦା ଅଗ୍ରାଧିକାର ଦେବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ସାମ୍ବାଦିକତାର ନୈତିକତା, ସାମାଜିକ ଦାୟିତ୍ୱ ଏବଂ ଜନସାଧାରଣଙ୍କ ନିକଟରେ ସଠିକ୍ ତଥ୍ୟ ପହଞ୍ଚାଇବାର ଆବଶ୍ୟକତା ଉପରେ ନିଜର ମତ ରଖିଥିଲେ। ସମାଜରେ ସଚେତନତା ସୃଷ୍ଟି କରିବା ଓ ଜନମତ ଗଠନରେ ଗଣମାଧ୍ୟମର ଭୂମିକା ଅତୁଳନୀୟ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ମହାବିଦ୍ୟାଳୟସ୍ତରରେ ଆୟୋଜିତ ବିତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାମ୍ବାଦିକତାର ମୂଲ୍ୟବୋଧ, ଗଣମାଧ୍ୟମର ଭୂମିକା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ସଚେତନତା ଏବଂ ସୃଜନଶୀଳ ଚିନ୍ତନର ବିକାଶ ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଉପଖଣ୍ଡ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଗୁଣପୁର ଶ୍ରୀ ଧନଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରି ମଞ୍ଚାସୀନ ଅତିଥି, ବକ୍ତା, ସାମ୍ବାଦିକ, ଛାତ୍ରଛାତ୍ରୀ ଓ ଆୟୋଜକ ମାନଙ୍କୁ କୃତଜ୍ଞତା ଜଣାଇଥିଲେ।

ପ୍ରିମାଚ୍ୟୁର ଶିଶୁଙ୍କ ପାଇଁ ଭୁବନେଶ୍ୱରକୁ ଏକଜୁଟ କଲା ଆୟୁ ଫାଉଣ୍ଡେସନ୍ ଓ ଅଙ୍କୁରା ହସ୍ପିଟାଲ

ଭୁବନେଶ୍ୱର, ୧୬।୧୧ (ନି.ପ୍ର) : ବିଶ୍ୱ ପ୍ରିମାଚ୍ୟୁରିଟି ଦିବସ ଅବସରରେ ଆୟୁ ଫାଉଣ୍ଡେସନ୍ ଏବଂ ଅଙ୍କୁରା ହସ୍ପିଟାଲ ପକ୍ଷରୁ ଆୟୋଜିତ ୫ କିଲୋମିଟର ପଦଯାତ୍ରାରେ ପରିବାର ସମେତ ଶହଶହ ଲୋକ ଏକାଠି ହୋଇଥିଲେ। ସମୟ ପୂର୍ବରୁ ଜନ୍ମହୋଇଥିବା କିମ୍ବା ପ୍ରିମାଚ୍ୟୁର ଶିଶୁଙ୍କ ବିଷୟରେ ସଚେତନତା ବୃଦ୍ଧିକରିବା, ସେମାନଙ୍କ ସମ୍ଭାବନାକୁ ଉଜାଗର କରିବା ଏବଂ ସମୟୋଚିତ ଓ ବିଶେଷଜ୍ଞ ନବଜାତ ଶିଶୁ ଚିକିତ୍ସାର ଗୁରୁତ୍ୱ କୁଦର୍ଶାଇବା ଏହି ଉଦ୍ୟମର ଲକ୍ଷ୍ୟ ଥିଲା।

ଶ୍ରୀମତୀ ମୀରା ପରିଡ଼ା ଏବଂ ଶ୍ରୀମତୀ ଡେଜି ବେହେରା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଅବସରର ଶୋଭା ବଢ଼ାଇଥିଲେ ଏବଂ ପରିବାର, ସ୍ୱାସ୍ଥ୍ୟସେବା ବୃତ୍ତିଧାରୀ ଓ ଶୁଭାକାଂକ୍ଷୀଙ୍କ ସମେତ ଅନ୍ୟ ଅଂଶଗ୍ରହଣକାରୀଙ୍କ ସହ ସାମିଲ ହୋଇ ପ୍ରତ୍ୟେକ ପ୍ରିମାଚ୍ୟୁର ଶିଶୁ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଆଶା ଓ ସହଯୋଗର ଏକ ଦୃଢ଼ବାର୍ତ୍ତା ଦେଇଥିଲେ। ମେଡିକାଲ ଡାଇରେକ୍ଟର ତଥା କନସଲ୍ଟାଣ୍ଟ ନିଓନାଟୋଲୋଜିଷ୍ଟ ଓ ଶିଶୁ ରୋଗ ବିଶେଷଜ୍ଞ, ଅଙ୍କୁରା ହସ୍ପିଟାଲ ମହିଳା ଓ ଶିଶୁଙ୍କ ପାଇଁ, ଡାକ୍ତର ବିଚିତ୍ରା ନନ୍ଦରାଉତ କହିଥିଲେ, "ପ୍ରିମାଚ୍ୟୁର ଶିଶୁ ହେଉଛନ୍ତି ଗର୍ଭାବସ୍ଥାର ୩୭ ସପ୍ତାହ ପୂର୍ବରୁ ଜନ୍ମ ହୋଇଥିବା ଶିଶୁ। ସମୟ ପୂର୍ବରୁ ଜନ୍ମ ହେଲେ ମଧ୍ୟ ସେମାନଙ୍କ ମଧ୍ୟରେ ଅପାର ସମ୍ଭାବନା ନିହିତ। ସମୟୋଚିତ ଚିକିତ୍ସା, ହସ୍ତକ୍ଷେପ, ନିଓନାଟୋଲୋଜିଷ୍ଟ ଓ ଦକ୍ଷ ନବଜାତ ଚିକିତ୍ସାଦଳର ସମର୍ପିତ ସେବା ଏବଂ ଉପଯୁକ୍ତ ଏନ୍‌ଆଇ ସିୟୁ



ସହାୟତା ଏହି ଶିଶୁମାନଙ୍କୁ ପ୍ରାରମ୍ଭିକ ଚ୍ୟାଲେଞ୍ଜ ଅତିକ୍ରମ କରିବାରେ ଓ ବିକାଶର ପର୍ଯ୍ୟାୟ ଗୁଡ଼ିକ ହାସଲକରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।" ଅଙ୍କୁରାର ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଡାଇରେକ୍ଟର ଡାକ୍ତର କୃଷ୍ଣ ପ୍ରସାଦ ରାଓଭୁନ୍ନ କହିଥିଲେ, "ସମୟ ପୂର୍ବରୁ ପ୍ରସବ ଏକ ଗୁରୁତ୍ୱପୂର୍ଣ୍ଣ ଜନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ହୋଇରହିଛି। ସମୟୋଚିତ ଚିକିତ୍ସା ଏବଂ ଏହି ଶିଶୁମାନଙ୍କ ପାଇଁ ଉପଲବ୍ଧ ସହାୟତା ବିଷୟରେ ସଚେତନତା ବଢ଼ାଇବା ଅତ୍ୟନ୍ତ ଜରୁରୀ। ପ୍ରିମିଥନ୍ ଧମରେ ଆମେ ଏହି ଆଲୋଚନାକୁ ହସ୍ପିଟାଲର ପରିସର ବାହାରକୁ ନେଇଯିବାକୁ, ଅନ୍ଧବିଶ୍ୱାସ ଓ ଭୁଲ୍ଧାରଣାକୁ ଦୂରକରିବାକୁ ଏବଂ ପ୍ରତ୍ୟେକ ପ୍ରିମାଚ୍ୟୁରଶିଶୁ ଙ୍କ ସପକ୍ଷରେ ସମାଜକୁ ଏକଜୁଟ୍ କରିବାକୁ ଆଶା କରୁଛୁ। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ (WHO) ଓ ୟୁନିସେଫ୍ର ସର୍ବଶେଷ ବିଶ୍ୱସ୍ତରୀୟ ଆକଳନ ଅନୁଯାୟୀ, ଭାରତରେ ପ୍ରାୟ ୩.୦୨ ନିୟୁତ ଶିଶୁ ସମୟ ପୂର୍ବରୁ ଜନ୍ମ ହୋଇଛନ୍ତି, ଯାହା ବିଶ୍ୱରେ ସର୍ବାଧିକ। ଓଡ଼ିଶାରେ ମଧ୍ୟ ସମୟ ପୂର୍ବରୁ ପ୍ରସବ ଏକ ଉଲ୍ଲେଖନୀୟ ଚିନ୍ତାର ବିଷୟ, ଯାହା ଫଳରେ ରାଜ୍ୟରେ ସଚେତନତା ଓ ସମୟୋଚିତ ହସ୍ତକ୍ଷେପ ବିଶେଷ ଗୁରୁତ୍ୱପୂର୍ଣ୍ଣ। ପ୍ରିମିଥନ୍ ଭଳି ଉଦ୍ୟମ ସମୟ ପୂର୍ବରୁ ପ୍ରସବ ବିଷୟରେ ସୁଚିନ୍ତିତ ଆଲୋଚନାକୁ ଉତ୍ସାହିତ କରିବା ଏବଂ "ଶୀଘ୍ର ଆରମ୍ଭ ଶିଶୁର ଭବିଷ୍ୟତକୁ ନିଶ୍ଚାରଣ କରେ ନାହିଁ" ବାର୍ତ୍ତାକୁ ସୁଦୃଢ଼ କରିବା ପାଇଁ ଅତ୍ୟନ୍ତ ଜରୁରୀ।

ଓଡ଼ିଶା କ୍ରାଫ୍ଟ ଓଡିସା ଉପସ୍ଥାପନ କରୁଛି ମୋଲ୍‌ଟେନ୍ ମନୋଲିଥ୍, ଡୋକ୍ରାର ଜୀବନ୍ତ ପରମ୍ପରାର ଅନୁସନ୍ଧାନ କରୁଥିବା ଏକ ଗବେଷଣା ଭିତ୍ତିକ ପ୍ରଦର୍ଶନୀ

ଭୁବନେଶ୍ୱର, ୧୬।୧୧ (ନି.ପ୍ର) : ଓଡ଼ିଶା କ୍ରାଫ୍ଟ ଓଡିସା (ଓସିଓ) ତାହାର ଆବାସିକ କାର୍ଯ୍ୟକ୍ରମ (ରେଡିଡେନ୍ସି ପ୍ରୋଗ୍ରାମ)ର ତୃତୀୟ ସଂସ୍କରଣରୁ ଉଦ୍ଭବ ଏକ ଗବେଷଣା ଭିତ୍ତିକ ପ୍ରଦର୍ଶନୀ ମୋଲ୍‌ଟେନ୍ ମନୋଲିଥ୍ ଉପସ୍ଥାପନ କରୁଛି, ଯାହା ଓଡ଼ିଶାର ଡୋକ୍ରା ଧାତୁ- ଢଳେଇ ପରମ୍ପରାର ଇତିହାସ, ପଦାର୍ଥଗତ ଜ୍ଞାନ ଏବଂ ସମକାଳୀନ କାର୍ଯ୍ୟଭ୍ୟାସ ସମ୍ପର୍କରେ ଅନୁସନ୍ଧାନ କରୁଛି। ଶିବଦାସ ସେନଗୁପ୍ତାଙ୍କ ଦ୍ୱାରା ସଂଯୋଜିତ ଏହି ପ୍ରଦର୍ଶନୀ ତିନିଜଣ ବାସିନ୍ଦା ରୀମା କେ., ମୁସ୍ତାନ ସିଂ ଏବଂ ତେଜପାଲ କାୱାଚିଙ୍କର ଗବେଷଣା ଓ କଳାତ୍ମକ ଅନୁସନ୍ଧାନଗୁଡ଼ିକୁ ଏକତ୍ରିତ କରିବା ସହିତ ଢେଙ୍କାନାଳର ଡୋକ୍ରା ଶିଳ୍ପ ପୁର ପ୍ରବାଣ କାରିଗରମାନଙ୍କର ଅବଦାନକୁ ମଧ୍ୟ ସ୍ମୃତିତ କରୁଛି । ପ୍ରଦର୍ଶନୀର ପୂର୍ବାବଲୋକନ ୨୦୨୬ ନଭେମ୍ବର ୨୭ ତାରିଖ ଶୁକ୍ରବାର ସନ୍ଧ୍ୟା ୫ଟାରୁ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀଠାରେ ଆୟୋଜିତ ହେବ ଏବଂ ଏହା ୨୦୨୬ ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଓସିଓ ପକ୍ଷରୁ ଓଡ଼ିଶାର ବିବିଧ କାରିଗରୀ ପରମ୍ପରାଗୁଡିକ ନଥିବଦ୍ଧ କରିବା ଏବଂ ସେଗୁଡିକ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଉତ୍ସର୍ଗୀକୃତ ଏହି ପ୍ରୟାସ ପୂର୍ବରୁ ୨୦୨୪ରେ କଂସା (ବେଲ୍ ଧାତୁ) ଏବଂ ୨୦୨୫ରେ ପିପିଲିର ଚାନ୍ଦୁଆ କାରୁକାର୍ଯ୍ୟ ପରମ୍ପରା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଆବାସିକ କାର୍ଯ୍ୟକ୍ରମ ହାତ



୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



ପାରାଦୀପ, ୧୬।୧୧ (ନି.ପ୍ର): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ରଘୁନାଥପୁର (ଖରିଗୋଠ) ଅଞ୍ଚଳରେ ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଜଣେ ୪୩ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ ପରେ ଜେଲ୍ ? ପଠାଯାଇଛି । ସୂଚନା ଅନୁଯାୟୀ, ପାରାଦୀପ ଅବକାରୀ ରେଞ୍ଜର ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପାରାଦୀପ ଅବକାରୀ ଥାନାର କର୍ମଚାରୀମାନେ ରଘୁନାଥପୁର (ଖରିଗୋଠ) ଅଞ୍ଚଳରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉରେ ଏଏସ୍ ?ଆଇ ଗୟାଧର ସେଠୀ, ସନ୍ତୋଷୀ ସାହୁ, ଧର୍ମପଦ ଦାସଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଚଢ଼ାଉ ସମୟରେ ଗୋଲେଖ ବିହାରୀ ସ୍ୱାଇଁ (୪୩), ପିତା ରାଧୁ ସ୍ୱାଇଁଙ୍କ ନିକଟରୁ ୧ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିଲା।

ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ସହ ଚାରିଦିନିଆ ଛଠ ମହାପର୍ବର ଭବ୍ୟ ସମାପନ

ଦେବୀଗଡ଼ା ଘାଟରେ ଶ୍ରଦ୍ଧାଳୁଙ୍କ ଜନସମୁଦ୍ର, ୧୫ରୁ ୨୦ ହଜାର ଭକ୍ତଙ୍କ ସମାଗମ

କଟକ, ୧୬।୧୧ (ନି.ପ୍ର) : ଲୋକଆସ୍ଥା ଓ ସୂର୍ଯ୍ୟ ଉପାସନାର ମହାପର୍ବ ଛଠ ପୂଜାର ଚାରିଦିନିଆ ଧାର୍ମିକ ଅନୁଷ୍ଠାନ ସୋମବାର ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ସହ ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଉତ୍ସାହପୂର୍ଣ୍ଣ ପରିବେଶରେ ସମାପନ ହୋଇଛି। କଟକ ମହାନଗର ଛଠ ପୂଜା ସମିତି ପକ୍ଷରୁ ଦେବୀଗଡ଼ା (ପୁରୀଘାଟ) ଠାରେ ଆୟୋଜିତ ଏହି ମହାପର୍ବରେ ଶ୍ରଦ୍ଧାଳୁଙ୍କ ବିପୁଳ ସମାଗମ ହୋଇଥିଲା। ରବିବାର ସନ୍ଧ୍ୟା ଅର୍ଘ୍ୟଠାରୁ ସୋମବାର ସକାଳେ ଉଦୀୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ ପର୍ଯ୍ୟନ୍ତ ପ୍ରାୟ ୧୫ରୁ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଛଠବ୍ରତୀ ଓ ଶ୍ରଦ୍ଧାଳୁ ଏଠାରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଛଠ ପୂଜା ଅବସରରେ ଦେବୀଗଡ଼ା ଘାଟର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିଲା। ଘାଟର ଆକର୍ଷଣୀୟ ସାଜସଜ୍ଜା, ରଙ୍ଗବେରଙ୍ଗ ଆଲୋକମାଳା ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଯୋଗୁଁ ସମଗ୍ର ଅଞ୍ଚଳ ମିନି ବାଲିଯାତ୍ରାର ରୂପ ନେଇଥିଲା। ବିଶେଷ କରି ଏଠାରେ ନିର୍ମିତ ଭବ୍ୟ ସୂର୍ଯ୍ୟ ମନ୍ଦିରର ଆକର୍ଷଣୀୟ ସ୍ୱରୂପ ସମସ୍ତଙ୍କ ମନ ମୋହିଥିଲା। ମନ୍ଦିରର ସୁନ୍ଦର ସାଜସଜ୍ଜା ଓ ଧାର୍ମିକ ପରିବେଶକୁ ଉପସ୍ଥିତ ଶ୍ରଦ୍ଧାଳୁମାନେ ଉଚ୍ଚ ପ୍ରଶଂସା କରିଥିଲେ। ଦେବୀଗଡ଼ା ପୁରୀଘାଟରେ ନିର୍ମିତ ସୂର୍ଯ୍ୟ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ବ୍ୟବସ୍ଥା କରାଯାଇଥିଲା। ସଂସ୍ଥାର ଦୁଇ ପୁରୋହିତ ସଞ୍ଜୟ କୁମାର ମିଶ୍ର ଓ ଅଞ୍ଜୟ ଆନନ୍ଦ ମିଶ୍ର ବୈଦିକ ମନ୍ତ୍ର ?ଚାରଣ ସହ ଶ୍ରଦ୍ଧାଳୁମାନଙ୍କୁ ବିଧିବିଧାନ ଅନୁସାରେ ପୂଜା କରାଇଥିଲେ। ଏହି ଅବସରରେ ହୋମଯଜ୍ଞ କରାଯିବା ସହ ଭକ୍ତମାନଙ୍କୁ ଚନ୍ଦନ ଓ କଳାବାନ୍ଧି ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ପୁରୋହିତମାନଙ୍କ ଦ୍ୱାରା ସମସ୍ତ ଧାର୍ମିକ ପରମ୍ପରା ଓ ବିଧିବିଧାନ ଅନୁସାରେ ପୂଜା ସମ୍ପନ୍ନ ହେବାରୁ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା। ଏହି ଅବସରରେ କଟକ ମେୟର ସୁଭାଷ ସିଂହ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଲାଲତେନ୍ଦୁ ବତ୍ତ, କଟକ ମାରୱାଡ଼ି ସମାଜର ପୂର୍ବତନ ସଭାପତି ବିଜୟ ଖଣ୍ଡେଲୱାଲ, ବର୍ତ୍ତମାନର ସଭାପତି ସଞ୍ଜୟ ଶର୍ମା, ସମ୍ପାଦକ ଅବିନାଶ ଖେମକା, ୨୮ ନମ୍ବର ୱାର୍ଡର କର୍ପୋରେଟର



ବନଲତା ପ୍ରଧାନ, ବିଜେପି ନେତା ଚିତ୍ତରଞ୍ଜନ ଦାସ, ଶ୍ରୀତମ ଦାସ, ସମାଜସେବୀ ସୌମ୍ୟଦୀପ ଘୋଷ, ବିଜେଡି ନେତା ନନ୍ଦଲାଲ ସିଂହ ଏବଂ ମାରୱାଡ଼ି ଯୁବା ମଞ୍ଚ କଟକ ଶାଖାର ସଭାପତି ବିକାଶ ଶର୍ମାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ କଟକ ମହାନଗର ଛଠ ପୂଜା ସମିତିର ଚେୟାରମ୍ୟାନ ଉପେନ୍ଦ୍ର ସିଂହ, ସଭାପତି ଶୈଳେଶ କୁମାର ବର୍ମା, ସମ୍ପାଦକ ମୁକୁନ୍ଦ କୁମାର ସିହ୍ନା, କୋଷାଧ୍ୟକ୍ଷ ସୁନୀଲ କୁମାର ଶର୍ମା, ଉପସଭାପତି ରାଜନାଥ ଚତୁର୍ବ ?ଦୀ ଓ ଡା. ସଞ୍ଜୟ କୁମାର ସଜ୍ଜନ, କାର୍ଯ୍ୟକାରୀ ସଭାପତି ସୁଧାକର କୁମାର ଶାହୀ, ମନୋଜ ଶର୍ମା, ପରାମର୍ଶଦାତା ସଞ୍ଜୟ ଠାକୁର, ରାଜ କିଶୋର ଶାହ, ସଂଗଠନ ସମ୍ପାଦକ ପାରସନାଥ ସାହ, ସହ ସମ୍ପାଦକ ନିଖିଲ ସାହ ଓ ବିକାଶ ସାହଙ୍କ ସମେତ ପ୍ରଦୀପ ସିଂହ, ଅଶୋକ ମିଶ୍ର, କପିଳଦେବ ରାମ, ରାମଗୋପାଳ ଅଗ୍ରୱାଲ ଓ ଶୀଳା ସାହ ପ୍ରମୁଖଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ସମିତିର ସମସ୍ତ ପଦାଧିକାରୀ ଓ ସଦସ୍ୟମାନେ ଶ୍ରଦ୍ଧାଳୁଙ୍କ ସୁବିଧା ଏବଂ ପୂଜା ବ୍ୟବସ୍ଥାରେ ସକ୍ରିୟ ସହଯୋଗ କରିଥିଲେ। ଛଠ ପୂଜା ଅବସରରେ ମାରୱାଡ଼ି ଯୁବା ମଞ୍ଚ, କଟକ ଶାଖା ପକ୍ଷରୁ ନଭେମ୍ବର ୧୫ ଓ ୧୬ ତାରିଖ ଦୁଇଦିନ ଧରି ଶ୍ରଦ୍ଧାଳୁଙ୍କ ପାଇଁ ମାଗଣା ଚା', ପାଣି ଓ ବିସ୍କୁଟର ବ୍ୟବସ୍ଥା କରାଯାଇଥିଲା। ଏହି ସେବା କାର୍ଯ୍ୟରୁ ପ୍ରାୟ ୧୫ରୁ ୨୦ ହଜାର ଶ୍ରଦ୍ଧାଳୁ ଉପକୃତ ହୋଇଥିଲେ। ମଞ୍ଚର ଏହି ଜନସେବାମୂଳକ କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଥିଲେ। ସୋମବାର ସକାଳେ ଆୟୋଜିତ ଭବ୍ୟ ଭଜନ କାର୍ଯ୍ୟକ୍ରମରେ ଭଜନ ଗାୟକ ସାଗର ଲଙ୍କା, ହରିଶ ଶର୍ମା ଓ ସୁପରିଚିତ ଗାୟିକା ସ୍ମୃତି ଗୋଟିଏ ପରେ ଗୋଟିଏ ମନଛୁଆଁ ଭକ୍ତିମୟ ଭଜନ ପରିବେଷଣ କରିଥିଲେ। ସେମାନଙ୍କ ମଧୁର ସଙ୍ଗୀତରେ ଶ୍ରଦ୍ଧାଳୁ ଓ ଛଠବ୍ରତୀମାନେ ଭକ୍ତିରସରେ ଝୁମି ଉଠିଥିଲେ। ସମଗ୍ର ଦେବୀଗଡ଼ା ଘାଟ ଛଠୀ ମାଇଙ୍କ ଜୟଧ୍ୱନି ଓ ଭକ୍ତିମୟ ସଙ୍ଗୀତରେ ପ୍ରକମ୍ପିତ ହୋଇଉଠିଥିଲା। ଶେଷରେ କଟକ ମହାନଗର ଛଠ ପୂଜା ସମିତି ପକ୍ଷରୁ ସମସ୍ତ ଛଠବ୍ରତୀ, ଶ୍ରଦ୍ଧାଳୁ, ଅତିଥି, ପୁରୋହିତ, ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ସାମାଜିକ ସଂଗଠନ ଓ ସହଯୋଗୀମାନଙ୍କ ପ୍ରତି କୃତଜ୍ଞତା ଜଣାଯାଇଥିଲା। ସମସ୍ତଙ୍କ ସହଯୋଗ, ସମର୍ପଣ ଓ ସାମୂହିକ ପ୍ରୟାସ ଯୋଗୁଁ ଏହି ମହାନ ଧାର୍ମିକ ଉତ୍ସବ ଶାନ୍ତିପୂର୍ଣ୍ଣ, ସୁବ୍ୟବସ୍ଥିତ ଓ ଭବ୍ୟ ଭାବେ ସମ୍ପନ୍ନ ହୋଇଥିବା ସମିତି ପକ୍ଷରୁ କୁହାଯାଇଛି।

ଜାତୀୟ ପ୍ରେସ ଦିବସ ପାଳିତ



ବଳଙ୍ଗା, ୧୬।୧୧ (ନି.ପ୍ର): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ବଳଙ୍ଗା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି କେଦାର ଶ୍ରୀର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ମୁଖ୍ୟ ଅତିଥି, ବରିଷ୍ଠ ଶିକ୍ଷାବିତ୍ ଜୟୀ ନାରାୟଣ ଦାଶ ମୁଖ୍ୟ ବକ୍ତା , ନିମାପଡା ବ୍ଲକ ଉପାଧ୍ୟକ୍ଷା ଅନୁସୟା ମହାନ୍ତି, ସ୍ଥାନୀୟ ସରପଞ୍ଚ ଅଞ୍ଚଳୀ ପ୍ରଧାନ, ବଳଙ୍ଗା ବିଜେପି ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସ୍ଥାନୀୟ ସମିତି ସଭ୍ୟ ପ୍ରକାଶ କୁମାର ସାହୁ, ରସ୍ମିତା ଭଉଣୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ସୁରକ୍ଷାରେ ସାମ୍ବାଦିକ ମାନଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ସାମ୍ବାଦିକ ମାନେ କାହାରି ଚାପର ବସବର୍ତ୍ତି ନ ହୋଇ ନିର୍ଭିକ ଓ ନିରପେକ୍ଷ ଭାବେ କଲମ ଚାଳନା କରିବାକୁ ପରାମର୍ଶ ଦେଇଥିଲେ। କ୍ଲବ ସମ୍ପାଦକ ମନସ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପଠନ କରିଥିଲା ବେଳେ ସାମ୍ବାଦିକ ସୁରେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କଲେଜ ଅଧ୍ୟାପକ ପ୍ରଦୋଷ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ବରିଷ୍ଠ ସଭ୍ୟ ସାମ୍ବାଦିକ ଦିବାକର ପ୍ରଧାନ, ପବିତ୍ର ପ୍ରଧାନ, ରାଜା ପ୍ରସାଦ ଦାଶ, ସନ୍ତୋଷ ବରାଳ, ମନୋଜ ପ୍ରଧାନ, ଦୁର୍ଗା ପ୍ରସାଦ ମହାପାତ୍ର , ଅଭୟ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ବିରଜାପୁର ପଞ୍ଚାୟତରେ ଗ୍ରାମ୍ୟ ଆଇନ ସହାୟତା କ୍ଲିନିକ୍ ଉଦ୍‌ଘାଟିତ

ଆଇନ ସେବାର ସୁଯୋଗ ଗ୍ରାମାଞ୍ଚଳର ଶେଷ ଧାଡ଼ିର ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱାରୋପ

ଯାଜପୁର,୧୬।୧୧ (ନି.ପ୍ର) : ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦଶରଥପୁର ବ୍ଲକ୍ ଅନ୍ତର୍ଗତ ବିରଜାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଗ୍ରାମ୍ୟ ଆଇନ ସହାୟତା କ୍ଲିନିକ୍ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଶିରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦ ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିବା ସହ ଆୟୋଜିତ ଆଇନ ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀ ନନ୍ଦ କହିଥିଲେ ଯେ, ଗ୍ରାମାଞ୍ଚଳର ଶେଷ ଧାଡ଼ିରେ ଥିବା ଯୋଗ୍ୟ ହିତାଧିକାରୀମାନେ ଯେପରି ସହଜରେ ବିଭିନ୍ନ ଆଇନଗତ ସହାୟତା ପାଇପାରିବେ, ସେଥିପାଇଁ ଏହି କ୍ଲିନିକ୍ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ। ଏଠାରେ ନିୟୋଜିତ ପ୍ୟାନେଲଭୁକ୍ତ ଓକିଲ ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀମାନେ ନିଜ ଦାୟିତ୍ୱକୁ ନିଷ୍ଠା ଓ ଉତ୍ତରଦାୟିତ୍ୱର ସହ ତୁଲାଇବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସ୍ଥାନୀୟ ସରକାରୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ସମାଜସେବୀମାନେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଆନ୍ତରିକ ସହଯୋଗ କରିବାକୁ ସେ ନିବେଦନ କରିଥିଲେ। ପ୍ରାଧିକରଣର ସଚିବ ଶ୍ରୀମତୀ ଲିପା ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ ଯେ, ୨୦୧୧ ମସିହାରୁ ଗ୍ରାମ୍ୟ ଆଇନ ସହାୟତା କ୍ଲିନିକ୍ ମାଧ୍ୟମରେ ଲୋକଙ୍କୁ ଆଇନ ସେବା ଯୋଗାଇ ଦିଆଯାଇଆସୁଛି। ଏହି କ୍ଲିନିକ୍‌ର କାର୍ଯ୍ୟ ପରିସର, ଜେଉଁମାନେ ଏହାର ସୁବିଧା ପାଇବାକୁ ଯୋଗ୍ୟ ଏବଂ ଏହା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ୧୩ଟି ଯୋଜନା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଅତିଥି ଆଲୋଚକ ଭାବେ ସିଜେଏମ୍ ଶ୍ରୀ ସର୍ବ ?ଶ୍ୱର ଦାସ, ଜେଏମ୍‌ଏଫ୍‌ସି ଶ୍ରୀ ଅଂଶୁମାନ ରଥ, ଦଶରଥପୁର ବ୍ଲକ୍ ?ର ବିଡିଓ ଶ୍ରୀ ଆକାଶ ପଟ୍ଟନାୟକ, ଯାଜପୁର ତହସିଲଦାର ଶ୍ରୀ ଶୁଭ୍ରାଂଶୁ ସାହୁ ଏବଂ ପ୍ରାଧିକରଣର ପୂର୍ବତନ ସଦସ୍ୟ ଡ. ରୁଦ୍ରନାରାୟଣ ପୁଷ୍ଟି ଯୋଗଦେଇ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଶିକ୍ଷା ଯୋଜନା-୨୦୨୬, ସୁହା ଯୋଜନା-୨୦୨୫, ମଣିଷ-ବନ୍ୟଜନ୍ତୁ ସଂଘର୍ଷ ପୀଡ଼ିତଙ୍କ ନ୍ୟାୟ ଯୋଜନା-୨୦୨୫, ବୀର ପରିବାର ସହାୟତା ଯୋଜନା, 'ଡନ୍' ବା 'ନୂଆ ସକାଳ' ଯୋଜନା, ସଂବାଦ ଯୋଜନା, ଶିଶୁ ସୁଲଭ ଆଇନ ସେବା ଯୋଜନା-୨୦୨୪, ମାନସିକ ରୋଗୀ ଓ ବୌଦ୍ଧିକ ଭିନ୍ନକ୍ଷମଙ୍କ ପାଇଁ ଆଇନ ସେବା ଯୋଜନା, ବୟସ୍କ ନାଗରିକ ଆଇନ ସେବା ଯୋଜନା-୨୦୧୬, ଏସିଡ୍ ଆକ୍ରମଣ ପୀଡ଼ିତଙ୍କ ପାଇଁ ଆଇନ ସେବା ଯୋଜନା-୨୦୧୬, ମାନବ ଚାଲାଣ ଓ ଯୌନ ଶୋଷଣରୁ ଉଦ୍ଧାର ଏବଂ ସହାୟତା ଯୋଜନା-୨୦୧୫ ତଥା ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ପାଇଁ ଆଇନ ସେବା ଯୋଜନା-୨୦୧୫ ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରୀ ନିରାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ସୁଜାତା ପାଣିଗ୍ରାହୀ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେକ୍ରେଡ ରୁଟ ପବ୍ଲିକ ସ୍କୁଲ ପରିସରରେ ଶିଶୁ ଦିବସ ପାଳନ

କଟକ, ୧୬।୧୧ (ନି.ପ୍ର): କଟକ ସିଡିଏ ସେକ୍ଟର ୧୩ରେ ଅବସ୍ଥିତ ସେକ୍‌ରେଡ୍ ? ରୁଟ ପବ୍ଲିକ ସ୍କୁଲ ପରିସରରେ ୧୪ ନଭେମ୍ବର ୨୦୨୬ ଦିନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଓ ପରିଚାଳନା ସଦସ୍ୟ ମାନଙ୍କ ସହ ମିଶି ଶିଶୁ ଦିବସ ପାଳନ ହୋଇଥିଲା। ଶିଶୁ ଦିବସ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ପଣ୍ଡିତ ଜବାହରଲାଲ ନେହେରୁ ଜନ୍ମ ବାର୍ଷିକୀ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଆୟୋଜିତ ସଭାରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତା ମାନେ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନେହେରୁଙ୍କ ଜୀବନୀ, ଦେଶ ପ୍ରତି ଅବଦାନ ଏବଂ ଶିଶୁମାନଙ୍କ ପ୍ରତି ତାଙ୍କର ଅନାବିଳ ସ୍ନେହ ସମ୍ପର୍କରେ ପିଲାମାନଙ୍କୁ କୁହାଯାଇଥିଲା । ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରିତେଶ କୁମାର ମହାନ୍ତି ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ଶିକ୍ଷାର ଗୁରୁତ୍ୱ, ସଂସ୍କାର, ଶୃଙ୍ଖଳା ଓ ସୃଜନଶୀଳତା ଉପରେ ଆଲୋକପାତ କରାଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଅଧ୍ୟକ୍ଷା ମିସ୍ ସରିତା ସ୍ୱାଗତ ଶତପତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଶିଶୁମାନେ ହେଉଛନ୍ତି ଆଗାମୀ ଦିନର ସମାଜ ଓ ରାଷ୍ଟ୍ରର ମେରୁଦଣ୍ଡ। ସେମାନଙ୍କୁ ଶିକ୍ଷିତ, ସଂସ୍କାରିତ ଓ ଦକ୍ଷ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ପରିବାର, ଶିକ୍ଷାନୁଷ୍ଠାନ ଓ ସମାଜର ସମ୍ମିଳିତ ପ୍ରୟାସ ଅପରିହାର୍ଯ୍ୟ। ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀଣ ବିକାଶ ନିମନ୍ତେ ସମସ୍ତେ ନିଜ ନିଜ ସ୍ତରରେ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

କଟକ,୧୬।୧୧ (ନି.ପ୍ର): ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଏହି ସ୍ତମ୍ଭକୁ ମଜବୁତ ରଖିବାକୁ ହେଲେ ଏହାର ମୂଳଦୁଆ ହେଉଛି କର୍ତ୍ତବ୍ୟବୋଧ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ - ୨୦୨୬ ଅତ୍ୟନ୍ତ ଉତ୍ସାହ ସହ ପାଳିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା- ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମର ଦାୟିତ୍ୱ, ନୈତିକତା ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା ହୋଇଥିଲା ।ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଡଃ ଦିବ୍ୟଲୋଚନ ମହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ, କଲମର ମୁନରେ ସମାଜରେ ବହୁ ପରିବର୍ତ୍ତନ ସମ୍ଭବ ହୋଇଛି। ସାମ୍ବାଦିକତା ଯୁଗ ଯୁଗ ଧରି ନିଜର ଗୁରୁତ୍ୱ ବଜାୟ ରଖିଆସିଛି। ଲୋକପ୍ରିୟତା ପଛରେ ନ ଗୋଡ଼ାଇ ସାମ୍ବାଦିକମାନେ ସତ୍ୟ, ନିରପେକ୍ଷତା ଓ ନିଜର କର୍ତ୍ତବ୍ୟବୋଧକୁ ପ୍ରାଥମିକତା ଦେବା ଆବଶ୍ୟକ। ମହାଭାରତର ଉଦାହରଣ ଦେଇ ସେ ଭୁଲ୍ ତଥ୍ୟ ଓ ଅପପ୍ରଚାର ସମାଜ ପାଇଁ କେତେ କ୍ଷତିକାରକ ହୋଇପାରେ, ତାହା ନିଜ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଯୋଗଦେଇ କହିଥିଲେ ଯେ, ସାମ୍ବାଦିକତା ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ସ୍ୱରକୁ ଉପଯୁକ୍ତ ମଞ୍ଚ ଦେବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତା କ୍ଷେତ୍ରରେ ମହିଳା ସାମ୍ବାଦିକମାନଙ୍କ ଅଧିକରୁ ଅଧିକ ଯୋଗଦାନ ଓ ଅଂଶଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁରେଶ ଚନ୍ଦ୍ର ଦା

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ସଂସଦ' ପ୍ରତିଯୋଗିତା



ଅନୁଗୋଳ(ନିପ୍ର) : ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରଣାଳୟ ଅଧୀନସ୍ଥ ଅନୁଗୋଳ 'ମୋ ଯୁବ ଭାରତ' ଆନୁକୂଲ୍ୟରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବ ସଂସଦ-୨୦୨୬' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । 'ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଯୁବ ପ୍ରତିଭାମାନଙ୍କର ଭୂମିକା' ଶୀର୍ଷକ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବସନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିବା ସହ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ 'ନବଭାରତ'ର ପ୍ରତିନିଧି ଶ୍ରୀ ଅମିତ ମୋଦୀ, ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିର ଉପାଧ୍ୟକ୍ଷ ଶ୍ରୀ ବିଚିତ୍ରାନନ୍ଦ ନାୟକ, ଜିଲ୍ଲା ଦକ୍ଷତା ବିକାଶ ଲାଇଟହାଉସ୍ କେନ୍ଦ୍ରର ସଂଯୋଜକ ଶ୍ରୀ ରାଜେଶ ସ୍ୱାଇଁ ଏବଂ ଅନୁଗୋଳ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ରଞ୍ଜିତା ସିଂହସାମନ୍ତ ଯୋଗଦେଇ ଯୁବପିଢ଼ିଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଏନ୍ଏସ୍ଏସ୍ (ଘଝଝ) ଓ ମୋ ଯୁବ ଭାରତ ଅଧିକାରୀ ଡ. ଗୌରୀ ଶଙ୍କର ଯୁଗ ପ୍ରକାଶ ଜେନା ଅତିଥି ପରିଚୟ, ସ୍ୱାଗତ ସମ୍ଭାଷଣ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ. ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିଭା ଅଂଶଗ୍ରହଣ କରିଥିବା ବେଳେ, ଶ୍ରେଷ୍ଠ ବିବେଚିତ ୩ ଜଣ ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇ ଅଧକ୍ଷଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଶେଷରେ 'ମୋ ଯୁବ ଭାରତ'ର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀ ତପନ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ପାରାଦୀପ,୧୬/୧୧ - ନଭେମ୍ବର ୧୬ ତାରିଖ ଜାତୀୟ ପ୍ରେସ ଦିବସ ପରିପ୍ରେକ୍ଷୀରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଙ୍କ ପକ୍ଷରୁ ଜାତୀୟ ପ୍ରେସ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି । ଏହି



ଅବସରରେ ପୌର ପ୍ରଶାସନିକ ଭବନ ର ସମ୍ମିଳନୀ କକ୍ଷରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ପ୍ରତି ସାମ୍ବାଦିକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ରାମ ଚନ୍ଦ୍ର ସ୍ୱାଇଁ ଓ ଭାଗିରଥି ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ପରିସ୍ଥିତିରେ ସମ୍ବାଦ ଓ ସାମ୍ବାଦିକତା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ସାମ୍ବାଦିକ ରତ୍ନାକର ଜେନା ଓ ସୁଧାଂଶୁ ନାୟକ ନିଜ ବକ୍ତବ୍ୟରେ ବିଭିନ୍ନ କ୍ଷେତ୍ରରେ ସାମ୍ବାଦିକ ମାନଙ୍କୁ ଅଣଦେଖା କରିବା ଓ ଯଥାଚିତ ସମ୍ମାନ ମିଳୁନଥିବା କୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ।ଶେଷରେ ସାମ୍ବାଦିକ ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ପ୍ରାୟ ୫୦ ଜଣ କାର୍ଯ୍ୟରତ ସାମ୍ବାଦିକ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରୁ ମୂଲ୍ୟବାନ ଚନ୍ଦନ ଗଛ ଚୋରି !



ନବରଙ୍ଗପୁର : ନବରଙ୍ଗପୁର ବନ ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ବଡ଼ ପ୍ରଶ୍ନ। ବନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର କେଇ ଶହ ମିଟର ଦୂରରେ ଥିବା ଅଞ୍ଚଳରୁ ଚୋରି ହୋଇଛି ବହୁମୂଲ୍ୟବାନ ଚନ୍ଦନ ଗଛ। ନବରଙ୍ଗପୁର ଆର୍ଟିଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଶ୍ରୀବନ ରୋଡ୍ ପାର୍ଶ୍ୱରୁ ଚନ୍ଦନ ଗଛ ଚୋରି ହୋଇଥିବା ଘଟଣା ସାମ୍ନାକୁ ଆସିଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା, ଯେଉଁ ବନ ବିଭାଗ ଉପରେ ଜଙ୍ଗଲ ଓ ମୂଲ୍ୟବାନ ବୃକ୍ଷର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ, ସେହି ବିଭାଗର କାର୍ଯ୍ୟାଳୟ ଠାରୁ ଅଳ୍ପ ଦୂରରେ ଏଭଳି ଚୋରି ଘଟଣା ଘଟିବା ନିଶ୍ଚିତ ଭାବେ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ସେହି ସ୍ଥାନରୁ ଚନ୍ଦନ ଗଛ କଟାଯାଇଥିବା ନଜର ଆସିଛି।ଦିନକୁ ଦିନ ଚନ୍ଦନ କାଠ ଚୋରି ଘଟଣା ବଢୁଥିବା ବେଳେ ଏହାକୁ ରୋକିବାରେ ବନ ବିଭାଗର ଭୂମିକା କ'ଣ, ତାହା ଏବେ ବଡ଼ ପ୍ରଶ୍ନ।ତେବେ ଏହି ଚୋରି ପଛରେ କିଏ ରହିଛି ବନ ବିଭାଗ ଏହି ଘଟଣାକୁ ନେଇ କି ପଦକ୍ଷେପ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ଏ ବାବଦରେ ସ୍ଥାନୀୟ ଫରେଷ୍ଟର ଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଧା ସେ ଫୋନ୍ ଉଠେଇ ନ ଥିଲେ।

ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ


ଅନୁଗୋଳ(ନିପ୍ର) : ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଆଜି ପୂର୍ବାହ୍ନରେ ବ୍ଲାକ ଡାଇମଣ୍ଡ ସମ୍ମିଳନୀ କକ୍ଷ ଠାରେ ପାଳିତ ହୋଇଯାଇଛି । 'ସାମ୍ବାଦିକତା: ଲୋକପ୍ରିୟତା ବନାମକର୍ତ୍ତବ୍ୟବୋଧ' ହେଉଛି ଚଳିତ ବର୍ଷର ଜାତୀୟ ପ୍ରେସ ଦିବସର ପ୍ରସଙ୍ଗ । ଏହି ଅବସରରେଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା ମୁଖ୍ୟ ଅତିଥ୍ୟ ଭାବେ ଯୋଗ ଦେଇ କହିଥିଲେ ଯେ,ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଏବଂ ଏହା କେବଳ ଖବର ପ୍ରକାଶ କରେ ନାହିଁ ବରଂଜନସାଧାରଣଙ୍କର ସ୍ୱର । ଗଣମାଧ୍ୟମ ଅନେକ



ଅନ୍ୟାୟ, ଦୁର୍ନୀତି ଓ ଅବ୍ୟବସ୍ଥାକୁ ପ୍ରକାଶ କରି ଦେଶ ସମାଜକୁ ପଥ ପ୍ରଦର୍ଶନ କରିଛି । ସ୍ୱାଧୀନ ଗଣମାଧ୍ୟମ ଦ୍ୱାରା ଗଣତନ୍ତ୍ର ସୁଦୃଢ ହୋଇଥାଏ। ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସରଶାନ୍ତନୁ କୁମାର ସର ଚଳିତ ବର୍ଷର ବାର୍ତ୍ତା ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତକାମଳ ସାମ୍ବାଦିକତା ଏବଂ ଶସ୍ତା ଲୋକପ୍ରିୟତା ପଛରେ ଥିବା ମାନସିକତାକୁ ସମାଲୋଚନାକରିଥିଲେ। ଏହା ସହ ଗଣମାଧ୍ୟମରେ ଅନୁସଂଧାନମୂଳକ ସାମ୍ବାଦିକତାର ଆବଶ୍ୟକତା ଉପରେଗୁରୁତ୍ୱରୋପ ଦେବା ସହ ସାମ୍ବାଦିକଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ସନତା ସାହୁ ପରିଚାଳନା କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଜିଲ୍ଲା ଓ ଉପଖଣ୍ଡ ସ୍ତରରୁ ଆସିଥିବା ସାମ୍ବାଦିକମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟଳୟର କର୍ମଚାରୀ ମାନେ ସମସ୍ତ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, ୧୬।୧୧: ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୧୩୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ ଟି, ଆବାସ ଯୋଜନା ସମ୍ପର୍କୀୟ ୧୭ ଟି, ଜମିଜମା



ସମସ୍ୟା ସମ୍ପର୍କୀୟ ୨୭ ଟି, ପୋଲିସ ସହାୟତା ପାଇବା ପାଇଁ ୮ ଟି, ଭତ୍ତା ପାଇବା ପାଇଁ ୫ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୪୯ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର,ତହସିଲଦାର, ଜଗତସିଂହପୁର, ଜିଲ୍ଲା ସ୍ତରୀୟ ଅଧିକାରୀ,କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ ।

ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ବ୍ରହ୍ମପୁର ୧୬।୧୧:ଜାତୀୟ ପ୍ରେସ ଦିବସ ଅବସରରେ ଆଜି ରାଜ୍ୟ ସାମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି ।ଜିଲ୍ଲା ସଭାପତି ବିଶ୍ୱନାଥ ମାଗଣା ଙ୍କ ଅଧ୍ୟକ୍ଷତା ବ୍ରହ୍ମପୁର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗ ର ପ୍ରଫେସର ଡ.ବନ୍ଦିତା ପଣ୍ଡା ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ଶିଶିର ପଣ୍ଡିଗ୍ରାହୀ,ଶିକ୍ଷୟିତ୍ରି ଲିପିକା ନାୟକ,ରାଜ୍ୟ ସମ୍ପାଦକ ହେମାଙ୍ଗ ପ୍ରସାଦ ରାଉଳ,ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁଜିତ କୁମାର ପଣ୍ଡା ମଞ୍ଚାସିନ ହେଇ ଆଲୋଚନା ରେ ଭାଗ ନେଇଥିଲେ।ଆଲୋଚନା ର ମୁଖ୍ୟ ବିଷୟ ଥିଲା' ଚତୁର୍ଥ ସ୍ତମ୍ଭ ସେତୁ କେତେ ସୁଦୃଢ' ଏଥିରେ ବ୍ରହ୍ମପୁର ବରିଷ୍ଠ ସାମ୍ବାଦିକ ରାଧାଶ୍ୟାମ ଆଚାର୍ଯ୍ୟ,ସାମ୍ବାଦିକ ଶନ୍ତନୁ ରଣା,ସାମ୍ବାଦିକା ରଶ୍ମିରେଖା ପଣ୍ଡିଗ୍ରାହୀ ଆଲୋଚନା ରେ ଭାଗ ନେଇ ଅତିଥି ଙ୍କ ଅଭିଭାଷଣ କୁ ନେଇ ବର୍ତ୍ତମାନ ସାମ୍ବାଦିକ ଙ୍କ ସମସ୍ୟା ଓ ଖବର ପ୍ରସାରଣ ବେଳେ କିଭଳି ସମସ୍ୟା ସମ୍ମୁଖୀନ ହେବାକୁ ପଡ଼? ତାହାକୁ ଆଲୋଚନାରେ କହିଥିଲେ।ଏହି କାର୍ଯ୍ୟକ୍ରମ ରେ ଅର୍ଦ୍ଧ ବାତ୍ୟା ସମୟରେ ଦୁର୍ଭିନ ରେ ଥିବା ଲୋକଙ୍କ ପାଖରେ ପହଞ୍ଚି ସହଯୋଗ ର ହାତ ବଢାଇଥିବା ବ୍ରହ୍ମପୁର ର ଯୁଜ ଅଗ୍ରୀ ଅନୁଷ୍ଠାନ କାଞ୍ଚନ ଗତିଟେନ୍ସ ଟ୍ରଷ୍ଟ ଓ ନିଳକଣ୍ଠେଶ୍ୱର ସେବା ସମିତି କୁ ସମ୍ମାନିତ କରାଇଥିଲା।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ୨୦୨୬ ପାଳିତ

ଜଗତସିଂହପୁର,୧୬।୧୧: ଅ।ଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ୨୦୨୬ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧକ୍ଷତା ରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଭାପତି, ଜିଲ୍ଲା ପରିଷଦ ଜଗତସିଂହପୁର ଶ୍ରୀ ମନୋଜ କୁମାର ଭୋଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସ ର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ସାମ୍ବାଦିକମାନେ ସର୍ବଦା ସ୍ୱତଚ୍ଛ, ନିରପେକ୍ଷ ଓ ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରି ସୁସ୍ଥ ସମାଜ ଗଠନରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ । ସମସ୍ତ ସାମ୍ବାଦିକ ସୁସ୍ଥ ଜୀବନଯାପନ କରିବା ସହ ଏକ ସୁସ୍ଥ ଓ ସକାରାତ୍ମକ ପରିବେଶରେ ନିଜର ବୃତ୍ତିଗତ ଦାୟିତ୍ୱ ତୁଲାଇ ସମାଜର ଉନ୍ନତି ଓ ଗଠନ ପାଇଁ ଦୃଢ଼ ପଦକ୍ଷେପ ନେବା ଉଚିତ୍ ବୋଲି ସେ ଉପଦେଶ ଦେଇଥିଲେ । ସଭାରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ସାମ୍ବାଦିକମାନଙ୍କ ସାହସ, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ପ୍ରଶଂସନୀୟ ବୋଲି କହିଥିଲେ ।

ସରକାରୀ ଯୋଜନା ଓ ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନର ନଜରକୁ ଆଣିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୋସିଆଲ୍ ମିଡିଆର ଏହି ଯୁଗରେ ସାମ୍ବାଦିକମାନେ ସତ୍ୟ, ନିରପେକ୍ଷତା ଓ ବୃତ୍ତିଗତ ନୈତିକତାକୁ ପ୍ରାଧାନ୍ୟ ଦେଇ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ସେ ମତବ୍ୟକ୍ତ କରିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରେଭେନ୍ୟୁ ବିଶ୍ୱବିଦ୍ୟାଳୟ ର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ର ମୁଖ୍ୟ ଡଃ ଦେବୀଲାଲ ମିଶ୍ର ଚଳିତ ବର୍ଷ ର ଆଲୋଚ୍ୟ ବିଷୟ ବସ୍ତୁ ' ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋକ ପାତ କରିଥିଲେ। ସେ କହିଥିଲେ ଯେ ସ୍ୱାଧୀନ ଓ ନିରପେକ୍ଷ ଗଣମାଧ୍ୟମ ଏକ ସୁସ୍ଥ ଗଣତନ୍ତ୍ରର ମୂଳ ଆଧାର। ସ୍ୱାଧୀନତା ସହ ଉତ୍ତରଦାୟିତ୍ୱ, ଦକ୍ଷତା ସହ ନୈତିକତା ଏବଂ ସାମ୍ବାଦିକତା ସହ ଜନସ୍ୱାର୍ଥର ସମନ୍ୱୟ ହିଁ ଏକ ସୁସ୍ଥ ଓ ସଚେତନ ସମାଜ ଗଠନର ମୂଳମନ୍ତ୍ର।



ବର୍ତ୍ତମାନ ଗଣମାଧ୍ୟମ ଏକ ବଜାରଭିତ୍ତିକ ବ୍ୟବସ୍ଥାରେ ପରିଣତ ହେଉଥିବାବେଳେ ଅଧିକ ଲାଇକ୍, ଭ୍ୟୁ, ସେୟାର ଓ ଲୋକପ୍ରିୟତାର ପ୍ରତିଯୋଗିତାରେ ସାମ୍ବାଦିକତାର ମୂଳ ଆଦର୍ଶ ଯେପରି ହଜି ନଯାଏ, ସେଥିପ୍ରତି ସମସ୍ତେ ସଚେତନ ରହିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା ଜଗତସିଂହପୁର ଜିଲ୍ଲାର ସାମ୍ବାଦିକମାନଙ୍କ କ୍ଷେତ୍ରସ୍ତରୀୟ ରିପୋର୍ଟିଂ ଓ ସହଯୋଗ ପ୍ରଶଂସନୀୟ ବୋଲି କହିଥିଲେ । ସାମୟିକ ଲୋକପ୍ରିୟତା ପଛରେ ନପଡ଼ି ସତ୍ୟ, ନିରପେକ୍ଷତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସାମ୍ବାଦିକତାର ମୂଲ୍ୟବୋଧ ବଜାୟ ରଖିବା ଏବଂ ଲୋକଙ୍କ ସମସ୍ୟା ସହିତ ସକାରାତ୍ମକ ଓ ଜନହିତକର କାର୍ଯ୍ୟଗୁଡ଼ିକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ପାଇଁ ସେ ଅନୁରୋଧ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ଦେବେନ୍ଦ୍ର ସିଂହ, ମନୋଜ କୁମାର ଦାଶ,ରମାକାନ୍ତ ଦାଶ, ସୁନାକର ବେହେରା,ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା, ପ୍ରମୋଦ କୁମାର ନାୟକ ନିଜ ନିଜର ସମ୍ୟକ୍ ଅନୁଭୂତି ଓ ଅଭିବ୍ୟକ୍ତି ରଖିଥିଲେ ।

ଜାତୀୟ ପ୍ରେସ ଦିବସ ୨୦୨୬ ଉପଲକ୍ଷେ ଆୟୋଜିତ ହାଇସ୍କୁଲ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଶେଷ ରେଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବି, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସମସ୍ତେ ମଧ୍ୟାହ୍ନ ଭୋଜନ କରିଥିଲେ।

ନିଶା ଶିକ୍ଷାଞ୍ଚଳ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ଠାରେ ଶିଶୁ ଦିବସ

ଛେଣ୍ଡିପଦା(ମନ୍ଥନ)- ଅନୁଗୋଳ ଜିଲ୍ଲା ନିଶା ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ମହିତଇଲା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟରେ ଆନନ୍ଦ, ଉତ୍ସାହ ଓ ଉଦ୍ଦୀପନାର ସହିତ ଶିଶୁ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିନ୍ଦଲ ସି ଏସ୍ ଆର୍, ବିଭାଗ ମୁଖ୍ୟ ଜୟନ୍ତ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମା